## ସଂକ୍ଷେପରେ

### ମହିଳା କର୍ମଚାରୀଙ୍କୁ ଅସଦାଚରଣ ମାମଲା
### କୋ-ଅପରେଟିଭ ସୋସାଇଟି ପକ୍ଷରୁ ଥାନାରେ ଅଭିଯୋଗ

କେନ୍ଦ୍ରାପଡା ଅଫିସ,୩୦।୧୦:ଜଣେ ମହିଳା କର୍ମଚାରୀ କେନ୍ଦ୍ରାପଡା କ୍ରେଡିଟ କୋ ଅପରେଟିଭ ସୋସାଇଟିର ସଭାପତିଙ୍କ ନାମରେ ଅସଦାଚରଣ କରିଥିବା ନେଇ ଗତ ଜୁଲାଇ ମାସରେ ଟାଉନ ଥାନାରେ ଅଭିଯୋଗ କରିଥିଲେ । ଏହି ମାମଲାକୁ ନେଇ କେତେକ ଗଣମାଧମରେ ପ୍ରଚାର ପରେ ସୋସାଇଟିର କର୍ମଚାରୀ ଏହାକୁ ବିରୋଧ କରି ଟାଉନ ଥାନା ଓ ଏସପିଙ୍କ ନିକଟରେ ବୁଧବାର ଅଭିଯୋଗ କରିଛନ୍ତି । ସୋସାଇଟି ସମ୍ପାଦକ ପ୍ରହଲ୍ଲାଦ ସାହୁ କହିଛନ୍ତି ଯେ, ସଂପୃକ୍ତ ମହିଳା କର୍ମଚାରୀଙ୍କୁ ମୁଖ୍ୟ ଶାଖାରୁ ମାର୍ଶାଘାଇ ଶାଖାକୁ ବଦଳି କରା ଯାଇଥିଲା । ଏହାକୁ କେନ୍ଦ୍ର କରି ସମିତିକୁ ବଦନାମ କରିବା ଉଦ୍ଦେଶ୍ୟରେ ସଂପୃକ୍ତା କର୍ମଚାରୀ ଭିତ୍ତିହୀନ ମାମଲା କରିଛନ୍ତି । ଏଥିରେ କେତେକ ବ୍ୟକ୍ତି ସାମିଲ ହୋଇଥିବାରୁ ପୋଲିସ ପକ୍ଷରୁ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସମ୍ପାଦକ ସାହୁ ଦାବି କରିଛନ୍ତି । ଅପରପକ୍ଷରେ ସଂପୃକ୍ତ ମହିଳା କର୍ମଚାରୀ ଜଣକ ଅପରାହ୍ଣରେ ଏଡିଜି ଏସ.ଏମ. ନାର୍ଭାନଙ୍କୁ ଭେଟିଛନ୍ତି । ଏ ସମ୍ପର୍କରେ ସେ କହିଛନ୍ତି ଯେ, ଅସଦାଚରଣ ମାମଲାର ସମସ୍ତ ପ୍ରମାଣ ଜିଲା ପୋଲିସକୁ ଦିଆଯାଇଛି । ଏସପି ନୀତିଶେଖର କହିଛନ୍ତି ଯେ, ଦୁଇ ପକ୍ଷ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି । ଏହି ଦୁଇଟି ମାମଲାକୁ ଏଏସପି ର୍ୟାଙ୍କର ଅଧିକାରୀ ତଦନ୍ତ କରୁଛନ୍ତି । ଖୁବଶୀଘ୍ର ତଦନ୍ତ ଶେଷ ହୋଇ କାର୍ଯ୍ୟାନୁଷ୍ଠାନ ହେବ ।

ଡେରାବିଶ ବ୍ଲକ:ପ୍ରଶ୍ନପତ୍ର ଆସିବାରେ ବିଳମ୍ବ

### ଛାତ୍ରୀଛାତ୍ର ଷାଣ୍ମାସିକ ପରୀକ୍ଷା ଦେବାରୁ ବଞ୍ଚିତ ହେବା ଆଶଙ୍କା

ଡେରାବିଶ, ୩୦।୧୦ (ସ୍ୱ.ପ୍ର.): ପ୍ରଶ୍ନପତ୍ର ପହଞ୍ଚିବାରେ ବିଳମ୍ବ ଯୋଗୁ ଡେରାବିଶ ବ୍ଲକର ଛାତ୍ରୀଛାତ୍ରମାନେ ଷାଣ୍ମାଷିକ ପରୀକ୍ଷା ଦେବାରୁ ବଞ୍ଚିତ ହେବା ଆଶଙ୍କା ଦେଖାଦେଇଛି । ସାରା ରାଜ୍ୟରେ ୨୯ ତାରିଖ ଠାରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପରୀକ୍ଷା କେତେକ କାରଣରୁ ନଭେମ୍ବର ୧ ତାରିଖକୁ ଘୁଞ୍ଚାଇ ଦିଆଯାଇଛି । ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶନାମା ଅନୁଯାୟୀ ପରୀକ୍ଷାର ୮ ଦିନ ପୂର୍ବରୁ ପ୍ରତ୍ୟେକ ବିଦ୍ୟାଳୟରେ ପ୍ରଶ୍ନପତ୍ର ପହଞ୍ଚି ଯିବା କଥା । ମାତ୍ର ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ପରୀକ୍ଷା ପାଇଁ ବୁଧବାର ସନ୍ଧ୍ୟା ସୁଦ୍ଧା ଡେରାବିଶ ବ୍ଲକର କୌଣସି ବିଦ୍ୟାଳୟରେ ପ୍ରଶ୍ନପତ୍ର ପହଞ୍ଚି ନ ଥିବା ଜଣାପଡ଼ିଛି । କେନ୍ଦ୍ରାପଡ଼ା ଜିଲାର ୯ଟି ବ୍ଲକ ପାଇଁ ଡେରାବିଶ ବ୍ଲକ ଅଧୀନ ଠାକୁରହାଟସ୍ଥିତ ସୁଦର୍ଶନ ହାଇସ୍କୁଲରେ ଷ୍ଟକ ରୁମ୍ କରାଯିବା ପାଇଁ ଶିକ୍ଷା ବିଭାଗ ତରଫରୁ ବ୍ୟବସ୍ଥା କରାଯାଇଛି । ମାତ୍ର ଏଠାରେ ପ୍ରଶ୍ନପତ୍ର ପହଞ୍ଚି ନ ଥିବାରୁ ଏଭଳି ଆଶଙ୍କା କରାଯାଉଛି । ଏ ସଂକ୍ରାନ୍ତରେ ବ୍ଲକର ଅତିରିକ୍ତ ଶିକ୍ଷାଧିକାରୀ ତଥା ବିଆରସିସି ନରହରି ସୂତାରଙ୍କୁ ଯୋଗାଯୋଗ କରାଯାଇଥିଲା । ସେ କହିଲେ, ଆଜି ରାତିରେ ପ୍ରଶ୍ନପତ୍ର ଏଠାରେ ପହଞ୍ଚିବା ପରେ ଗୁରୁବାର ସନ୍ଧ୍ୟା ସୁଦ୍ଧା ଜିଲା ଅନ୍ତର୍ଗତ ସମସ୍ତ ବ୍ଲକରେ ଥିବା ବିଦ୍ୟାଳୟଗୁଡ଼ିକ ପାଇଁ ପ୍ରଶ୍ନପତ୍ର ଯୋଗାଇ ଦିଆଯିବ ।

ଚାରିଘରିଆବାସୀଙ୍କ ଥଇଥାନ ମାମଲା

# ଆଶା, ଆଶଙ୍କାରେ ବିତୁଛି ଜୀବନ

କେନ୍ଦ୍ରାପଡା ଅଫିସ, ୩୦।୧୦

କେନ୍ଦ୍ରାପଡା ଜିଲା ରାଜନଗର ବନଖଣ୍ଡ ଅଧୀନ ଚାରିଘରିଆ ଗ୍ରାମବାସୀ ସ୍ଥାନାନ୍ତରକୁ ନେଇ ଚିନ୍ତାରେ ଅଛନ୍ତି। ବନବିଭାଗ ପକ୍ଷରୁ ବନାଞ୍ଚଳରୁ ହଟିଯିବା ପାଇଁ ବାରମ୍ବାର ନୋଟିସ ହୋଇଛି । ଜିଲା ପ୍ରଶାସନ ମଧ ଚାରିଘରିଆବାସୀଙ୍କ ଥଇଥାନ ପାଇଁ ବ୍ୟବସ୍ଥା ନ କରି ଉଚ୍ଛେଦ ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଅପରପକ୍ଷରେ ସମୁଦ୍ର ତଟାଞ୍ଚଳ କ୍ଷୟ ଯୋଗୁ ରାଜନଗର ବ୍ଲକ ଅଧୀନ ସାତଭାୟାବାସୀଙ୍କୁ ବଗପାଟିଆକୁ ସ୍ଥାନାନ୍ତର ପାଇଁ ସରକାର ଯେଉଁ ସର୍ତ୍ତାବଳୀ ଲାଗୁ କରିଛନ୍ତି, ସେହି ସର୍ତ୍ତରେ ଥଇଥାନ କରାଯାଉ ବୋଲି ଉକ୍ତ ଗ୍ରାମବାସୀ ଦାବି କରି ଆନ୍ଦୋଳନକୁ ଓହ୍ଲାଇବାକୁ ସଜବାଜ ହେଉଛନ୍ତି । ଚାରଘରିଆବାସୀଙ୍କୁ ବଗପାଟିଆରେ ଥଇଥାନ କରିବା ପାଇଁ ଗତ ଦଶନ୍ଧି ଧରି ଆନ୍ଦୋଳନ ଜାରି ରହିଛି।

ତେବେ ନିକଟରେ ପାଇଥିବା ସ୍ଥାନାନ୍ତର ନୋଟିସ ସେମାନଙ୍କ ନିଦ ହଜାଇଛି ବୋଲି ଗ୍ରାମର ସନ୍ତୋଷ କୁମାର ସରକାର କହିଛନ୍ତି । ସେ କହିଛନ୍ତି ଯେ, ଭିତରକନିକା ବନାଞ୍ଚଳ ଜାତୀୟ ଉଦ୍ୟାନ ଘୋଷଣା ହେବାର ବହୁ ପୂର୍ବରୁ ସେମାନଙ୍କ ପୂର୍ବପୁରୁଷ ସେଠାରେ ରହି ଆସିଛନ୍ତି । ୧୯୭୧ ମସିହା ବାତ୍ୟା ପରେ ଚାରୋଟି ପରିବାର ଏଠାରେ ଘର କରି ରହିଥିଲେ । ଏଥିପାଇଁ ଗ୍ରାମକୁ ଚାରିଘରିଆ ସାହି କୁହା ଯାଉଥିବା ବେଳେ ବର୍ତ୍ତମାନର ଘର ସଂଖ୍ୟା ୭୦ରୁ ଊର୍ଦ୍ଧ୍ୱ ହେଲାଣି । କେନ୍ଦ୍ର ସରକାର ୧୯୭୫ ମସିହାରେ ଭିତରକନିକାକୁ ବନ୍ୟପ୍ରାଣୀ ସଂରକ୍ଷିତ ଅଞ୍ଚଳ ଓ ୧୯୯୮ ମସିହାରେ ଏହା ଜାତୀୟ ଉଦ୍ୟାନ ଭାବେ ଘୋଷଣା କରିଛନ୍ତି । ତେବେ ଏଠାରେ ତିନିପୁରୁଷ ଧରି ରହି ଆସିଥିବା ବେଳେ ଥଇଥାନ ବ୍ୟବସ୍ଥା ହୋଇ ନ ଥିବାରୁ ଚିନ୍ତାରେ ଅଛୁ । ଗ୍ରାମର ମହିଳା ରେଶମୀ ଦାସ କହିଛନ୍ତି ଯେ, ଏହି ଗାଁରେ ରହିବା ଆମ ପାଇଁ ବିପଦପୂର୍ଣ୍ଣ ହୋଇଛି । ଗ୍ରାମ ନିକଟରେ ବନ ବିଭାଗ ପକ୍ଷରୁ ନାଳ ଖୋଳା ଯାଇଛି । ଏହି ନାଳରେ ପ୍ରତିଦିନ କୁମ୍ଭୀର ଆତଯାତ ହେଉଛନ୍ତି । ବିଭିନ୍ନ ସମୟରେ ପାଳିଥିବା ପଶୁପକ୍ଷୀ ଓ ଗ୍ରାମବାସୀ ଆକ୍ରମଣର ଶିକାର ହେଉଛନ୍ତି । ବନାଞ୍ଚଳରେ ରହୁଥିଲେ ମଧ୍ୟ ବନ ବିଭାଗର କଡ଼ା କଟକଣା ଯୋଗୁ ସାମାନ୍ୟ ଜାଳ ସଂଗ୍ରହ ମଧ କାଠିକର ପାଠ ହୋଇଛି । ଗ୍ରାମବାସୀ ଏଠାରୁ ଉଠିଯିବା ପାଇଁ ବ୍ୟଗ୍ର ଅଛନ୍ତି। ତେବେ ପ୍ରଶାସନ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ । ଏଥିନେଇ ବାରମ୍ବାର ଆନ୍ଦୋଳନ, ଅନଶନ କରାଯାଇଛି । ଗ୍ରାମର ସୁକୁମାର ଦାସ କୁହନ୍ତି ଯେ, ଗ୍ରାମବାସୀଙ୍କ ନିକଟରେ ଭୋଟର କାର୍ଡ, ବିପିଏଲ କାର୍ଡ ଅଛି। ମହାକାଳପଡା ବ୍ଲକ ଅଞ୍ଚଳରେ କେତେକ ଅଧିବାସୀଙ୍କୁ ପଟ୍ଟା ଯୋଗାଇ ଦିଆଯାଇଛି । ଆମ ଗ୍ରାମବାସୀଙ୍କୁ ଥଇଥାନ ଯୋଜନାରେ ସାମିଲ କରି ବଗପାଟିଆରେ ସ୍ଥାନ ଚିହ୍ନଟ, ଅନୁଦାନ ଯୋଗାଇ ଦେଲେ ତୁରନ୍ତ ଗ୍ରାମ ଛାଡିଦେବୁ । ଏ ସମ୍ପର୍କରେ ଜିଲାପାଳ ସମର୍ଥ ବର୍ମା କୁହନ୍ତି ଯେ, ବଗପାଟିଆକୁ ଚାରିଘରିଆବାସୀଙ୍କ ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ଚାଲିଛି । ମାନବିକତା ଦୃଷ୍ଟିକୋଣରୁ ବଗପାଟିଆରେ ଥଇଥାନ ପାଇଁ ସରକାର ଚିନ୍ତା କରିଛନ୍ତି । ଏଠିକାର ଅଧିବାସୀଙ୍କ ପ୍ରକୃତ ଉତ୍ତରାଧିକାରୀ କିଏ, ତାହାର ଚୟନ ହେବ । ସେହିପରି ବଗପାଟିଆ ଥଇଥାନ ଅଞ୍ଚଳର ନୋଡାଲ ଅଫିସର ତଥା ରାଜନଗର ତହସିଲଦାର ଦ୍ୱିବେନ୍ଦୁ ଦାଶ କହିଛନ୍ତି ଯେ, ଚାରିଘରିଆବାସୀ ସ୍ଥାନାନ୍ତର ପାଇଁ ଜମି ଚିହ୍ନଟ ହୋଇଛି । ତେବେ ପରିବାରର ଏକାଧିକ ବ୍ୟକ୍ତି ଏହି ପରିବାର ମୁଖ୍ୟ କହି ଜମି ଓ ଅନୁଦାନ ହାତେଇବାକୁ ଉଦ୍ୟମ କରୁଛନ୍ତି ।

## ଭାଜପାର ଗାନ୍ଧୀ ସଂକଳ୍ପ ପଦଯାତ୍ରା


ପଦଯାତ୍ରାରେ ଭାଜପା ନେତା ଓ କର୍ମୀମାନେ।

ଆଳି, ୩୦।୧୦ (ଡି.ଏନ୍.ଏ.)

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଆଳି ନିର୍ବାଚନମଣ୍ଡଳୀ ଅଧୀନ ୧ ନଂ. ଜୋନ୍‌ର ଗୋବିନ୍ଦପୁର ଓ ଜୁଆଣିଆଠାରେ ଆଳି ଭାଜପା ପକ୍ଷରୁ ଗାନ୍ଧୀ ସଂକଳ୍ପ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବ୍ରଜସୁନ୍ଦର ଭୂୟାଁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ପଦଯାତ୍ରାର ନେତୃତ୍ୱ ନେଇଥିଲେ ପୂର୍ବତନ ବିଧାୟକ ତଥା ଭାଜପା ନେତା ଦୋଳଗୋବିନ୍ଦ ନାୟକ। ଏହି ଅବସରରେ ଗୋବିନ୍ଦପୁର ବଜାରସ୍ଥିତ ଗାନ୍ଧୀ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ପରେ ପଦଯାତ୍ରା ଆରମ୍ଭ ହୋଇଥିଲା। ଭାଜପା କର୍ମୀ ଓ ନେତାମାନେ ଗୋବିନ୍ଦପୁର ଓ ଜୁଆଣିଆ ଗ୍ରାମକୁ ଯାଇ ଗାନ୍ଧିଜୀଙ୍କ ନୀତି, ଆଦର୍ଶ ପ୍ରତି ଅନୁପ୍ରାଣିତ ହେବା ସହିତ ପ୍ଲାଷ୍ଟିକ ବ୍ୟବହାର ନ କରିବା ପାଇଁ ସଚେତନ କରିଥିଲେ। ଏଥିରେ ପୂର୍ବତନ ଏମ୍‌ପି ଖାରବେଳ ସ୍ୱାଇଁ, ରାଜ୍ୟ ଉପସଭାପତି ଭୁବନ ମୋହନ ଜେନା, ରାଜ୍ୟ ସମ୍ପାଦକ ଦିଲୀପ ମଲ୍ଲିକ, ଜିଲା ସମ୍ପାଦକ ହେମନ୍ତ ପରିଡା, ରାଜ୍ୟ ଯୁବମୋର୍ଚ୍ଚା ଉପ ସଭାପତି ସୁକାନ୍ତ ଦାସ, କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରସନ୍ନ ପରିଡ଼ା, କାନନବାଳା ଦାସ, ପ୍ରିୟଦର୍ଶନୀ ନନ୍ଦ, ଜେନେଥା ଦାସ ପ୍ରମୁଖ ଯୋଗ ଦେଇଥିଲେ। ମଣ୍ଡଳ ସଭାପତି ମନିଷା ଜେନା, ଶରତ ଜଗଦେବ, ଦେବାଶିଷ କୁଅଁର, ରାଜକିଶୋର ସାମଲ, ଓମ୍‌ପ୍ରକାଶ ପତି, ନବକିଶୋର ବେହେରା, ସରୋଜ କର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶ୍ରୀବଳଦେବଜୀଉଙ୍କ ପୀଠରେ ଗିରିଗୋବର୍ଦ୍ଧନ ପୂଜା


ଗିରିଗୋବର୍ଦ୍ଧନ ପୂଜା ଅବସରରେ ଶ୍ରଦ୍ଧାଳୁମାନେ।

କେନ୍ଦ୍ରାପଡା ଅଫିସ, ୩୦।୧୦

ସହରର ଇଚ୍ଛାପୁରସ୍ଥ ଶ୍ରୀବଳଦେବଜୀଉଙ୍କ ପୀଠରେ ଗିରି ଗୋବର୍ଦ୍ଧନ ପୂଜା ବୁଧବାର ପାଳନ କରାଯାଇଛି । ଗରାପୁରସ୍ଥ ଶିବାନନ୍ଦ ଆଶ୍ରମର ଅଧକ୍ଷା ସ୍ୱାମୀ ଦିବ୍ୟ ସ୍ୱରୂପାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶତାଧିକ ମହିଳା ଏହି ପୂଜାରେ ସାମିଲ ହୋଇଥିଲେ । କାର୍ଯ୍ୟକ୍ରମ ସୂଚୀ ଅନୁଯାୟୀ ରାଇ ଦାମୋଦର ପୂଜା, ସୂର୍ଯ୍ୟ ପୂଜା, ଶିବ ପାର୍ବତୀ ପୂଜା, ତୁଳସୀ ପୂଜା, କାର୍ତ୍ତିକ ମହାତ୍ମ୍ୟ ପାଠ, ଅର୍ଘ୍ୟ, ଆରତି, ପୁଷ୍ପାଞ୍ଜଳୀ, ବେଢା ପରିକ୍ରମା, ଗୋବର୍ଦ୍ଧନ ପୂଜା, ଭାଗବତ ପାଠ ଆଦି କରାଯାଇଥିଲା । ସେହିପରି ଶାନ୍ତି ମନ୍ତ୍ର ସହ ମହାମୃତ୍ୟୁଞ୍ଜୟ ପାଠ ହୋଇଥିଲା ।

## ନଭେମ୍ବର ୧ରୁ ଏକକ ପରୀକ୍ଷା, ବାହାରେ ବୁଲୁଛି ପ୍ରଶ୍ନପତ୍ର

କେନ୍ଦ୍ରାପଡା ଅଫିସ, ୩୦।୧୦

ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକକ ପରୀକ୍ଷା ପରୀକ୍ଷାମୂଳକ ଭାବେ ଚଳିତ ବର୍ଷଠାରୁ ଆରମ୍ଭ ହେଉଛି। ନଭେମ୍ବର ୧ରୁ ପରୀକ୍ଷା ଆରମ୍ଭ ହେବ। ଏଥିପାଇଁ କେନ୍ଦ୍ରାପଡା ଜିଲାକୁ ପ୍ରଶ୍ନପତ୍ର ଯୋଗାଇ ଦିଆଯାଇଥିଲେ ବି ଆବଶ୍ୟକ ପରିମାଣର ପ୍ରଶ୍ନପତ୍ର ଆସିନାହିଁ। ଫଳରେ ଶିକ୍ଷକମାନେ ପ୍ରଶ୍ନପତ୍ରଗୁଡ଼ିକ ଜେରକ୍ସ କରୁଛନ୍ତି। ହେଲେ ପ୍ରଶ୍ନପତ୍ରର କପି ପିଲାଙ୍କ ନିକଟରେ ପହଞ୍ଚିବା ସୂଚନା ମିଳିଛି। ଏପରିକି ମୋବାଇଲ୍‌ରୁ ମୋବାଇଲ୍ ପ୍ରଶ୍ନପତ୍ର ଘୁରି ବୁଲୁଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଏଡିଏମ୍ ବସନ୍ତ କୁମାର ରାଉତ କୁହନ୍ତି, ଏପରି ଘଟଣା ସମ୍ପର୍କରେ ସୂଚନା ମିଳିଲେ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଷଣ୍ଢ ହଟାଇବାକୁ ପ୍ରଶାସନ ଓ ଚାଷୀଙ୍କ ମିଳିତ ବୈଠକ

ରାଜନଗର, ୩୦।୧୦(ଡି.ଏନ.ଏ.)


ବୈଠକରେ ଚାଷୀମାନେ।

ରାଜନଗର ଅଞ୍ଚଳରେ ଷଣ୍ଢ ଉପଦ୍ରବ ବଢ଼ି ଚାଲିଛି । ଷଣ୍ଢ ଫସଲ ନଷ୍ଟ କରୁଥିବାରୁ ଚାଷୀଙ୍କ ଆଖିରୁ ନିଦ ହଜିଛି। ଏହାକୁ ନେଇ ଗତ ୨୮ ତାରିଖ ଦିନ ଚାଷୀମାନେ ଶତାଧିକ ଷଣ୍ଢକୁ ଜନଶୁଣାଣି ଶିବିରରେ ପୁରାଇ ଅଭିନବ ପ୍ରତିବାଦ କରିଥିଲେ। ଫଳରେ ଜିଲା ପ୍ରଶାସନ ଓ ପୋଲିସ ପ୍ରଶାସନ ଅଡୁଆରେ ପଡିଥିଲା। ଶେଷରେ ରାଜନଗରରୁ ଷଣ୍ଢ ହଟାଇବାକୁ ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। ବୁଧବାର ଶତାଧିକ ଚାଷୀ ବ୍ଲକ ପରିସରରେ ପହଞ୍ଚି ଥିଲେ। ପରେ ବିଡିଓଙ୍କ କାର୍ଯ୍ୟାଳୟରେ ପ୍ରଶାସନିକ ଅଧିକାରୀ ଓ ଚାଷୀଙ୍କ ମଧ୍ୟରେ ବୈଠକ ବସିଥିଲା । ବିଡିଓ ମନ୍ଦରଧର ମହାଲିକ, ତହସିଲଦାର ଦିବ୍ୟେନ୍ଦୁ ଶେଖର ଦାସ, ଆଇଆଇସି ତପନ କୁମାର ନାୟକ, ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ମହାନ୍ତି, ଏମ୍‌ପିଙ୍କ ପ୍ରତିନିଧି ଅଶୋକ କୁମାର ପ୍ରତିହାରୀ, ରାଜନଗର ସରପଞ୍ଚ ପ୍ରଭାତ ଚନ୍ଦ୍ର ମିଶ୍ର, ସମିତି ସଭ୍ୟ ସତ୍ୟବାନ ସେଠୀ, ବଜରଙ୍ଗ ଦଳର କ୍ରିଷ୍ଣା ବେହେରା, ସନ୍ତୋଷ କୁମାର ଲେଙ୍କାଙ୍କ ସମେତ ଚାଷୀ କୁଳମଣି ସେଠୀ, ବାସୁଦେବ ମଳିକ, ପ୍ରହ୍ଲାଦ ମଳିକ, ଧ୍ରୁବ ଚରଣ ମଳିକ, ରବି ନାରାୟଣ ଲେଙ୍କା, ରବୀନ୍ଦ୍ର ସାହୁ ପ୍ରମୁଖ ଏ ନେଇ ଆଲୋଚନା କରିଥିଲେ। ଏକ ସପ୍ତାହ ମଧ୍ୟରେ ରାଜନଗରରୁ ଷଣ୍ଢ ସ୍ଥାନାନ୍ତରିତ କରିବାକୁ ନିଷ୍ପତ୍ତି ନିଆଯାଇଛି।

## ଡାକ ଟିକେଟ ପ୍ରଦର୍ଶନୀ

କେନ୍ଦ୍ରାପଡା ଅଫିସ,୩୦।୧୦



ଆଲୋଚକମାନେ ଡାକ ଟିକେଟ ପ୍ରଦର୍ଶନ କରୁଛନ୍ତି।

ମହାତ୍ମାଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଉପଲକ୍ଷେ ଡାକପାଳ ବିଭାଗ ପକ୍ଷରୁ ସହର ଟାଉନ ହଲଠାରେ ଗାନ୍ଧିଜୀଙ୍କ ଜୀବନାଦର୍ଶ ସମ୍ପର୍କରେ ଏକ ଆଲୋଚନାଚକ୍ର ଓ ଡାକଟିକେଟ ପ୍ରଦର୍ଶନୀ ବୁଧବାର ଅନୁଷ୍ଠିତ ହୋଇଥିଲା । କଟକ ଉତ୍ତରାଖଣ୍ଡ ଡାକସେବା, କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ପୌରପାଳିକା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏସପିଓ ଦିଲିପ କୁମାର ସାମଲ ଅଧ୍ୟକ୍ଷତା କରିଥିଲେ । ଏଥିରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ଭୁବନେଶ୍ୱରସ୍ଥ ଡାକ ବିଭାଗ ନିର୍ଦ୍ଦେଶକ ଜି. ଗୁରୁନାଥନ, ଏଡିଏମ ବସନ୍ତ କୁମାର ରାଉତ, ଉପ ଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ର, କେନ୍ଦ୍ରାପଡା ପୌରନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ, ପଟ୍ଟାମୁଣ୍ଡାଇ ପୌରନିର୍ବାହୀ ଅଧିକାରୀ ସମ୍ପଦ କୁମାର ସ୍ୱାଇଁ, ଶିକ୍ଷାବିତ ଭଜକୃଷ୍ଣ ରାଉତ, ଜିଲା ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ନକୁଳ ଚରଣ ଦାସ ଆଲୋଚକ ଭାବେ ଯୋଗ ଦେଇଥିଲେ । ଆଲୋଚକମାନେ ଗାନ୍ଧିଜୀଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରି ସତ୍ୟ ଓ ଅହିଂସା ମାର୍ଗରେ ଚାଲିବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଗାନ୍ଧିଜୀଙ୍କ ଜୀବନାଦର୍ଶ ସମ୍ବଳିତ ଡାକଟିକେଟ ପ୍ରଦର୍ଶନୀକୁ ଆଲୋଚକମାନେ ଉଦ୍‌ଘାଟନ କରିଥିଲେ । କେନ୍ଦ୍ରାପଡା ପୋଷ୍ଟମାଷ୍ଟର ଏନ.ସି. ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପିତାମାତାଙ୍କ ପାଇଁ ପରାମର୍ଶ ଶିବିର

ଡେରାବିଶ, ୩୦। ୧୦(ସ୍ୱ.ପ୍ର.)

ଡେରାବିଶ ଶିକ୍ଷା ସର୍କଲ ଅନ୍ତର୍ଗତ ଧରମପୁର ପ୍ରୋଜେକ୍ଟ ପ୍ରାଇମେରୀ ବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ପିତାମାତାଙ୍କୁ ପରାମର୍ଶ ଦେବା ନିମନ୍ତେ ଏକ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ତଥା ମଣ୍ଡଳ ସାଧନ କେନ୍ଦ୍ର ସଂଯୋଜକ ନରହରି ସୂତାର ଅଧକ୍ଷତା କରିଥିଲେ । ପ୍ରଧାନ ଶିକ୍ଷକ ସେକ୍ ଅବଦୁଲ କରିମ୍, ସହ-ଶିକ୍ଷକ ମାନସ ରଞ୍ଜନ ରାଉତ,ପୂର୍ବତନ ସିଆରସିସି ଭକ୍ତରଞ୍ଜନ ସ୍ୱାଇଁ, ସାଧନକର୍ମୀ ଜୟନ୍ତ ପ୍ରସାଦ ସ୍ୱାଇଁ, ଆଲୋକ କୁମାର ବେହେରା ଓ ପୁଷ୍ପଲତା ବେହେରା ଉପସ୍ଥିତ ପିତାମାତାଙ୍କୁ ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ପାଇଁ ରାଜ୍ୟ ସରକାର ପ୍ରଣୟନ କରିଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ । ଏହି ଜୋନ୍‌ରେ ଥିବା ଭିନ୍ନକ୍ଷମ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ଶୁଭେନ୍ଦୁ ଶତପଥୀ ଓ ସଞ୍ଜିତ ସ୍ୱାଇଁ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଭବାନୀଶଙ୍କର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ନାବାଳିକା ବଳାତ୍କାରୀଙ୍କୁ ୭ ବର୍ଷ ଜେଲ

କେନ୍ଦ୍ରାପଡା ଅଫିସ,୩୦।୧୦

କେନ୍ଦ୍ରାପଡା ଜିଲା ସଦର ଥାନା ଅଧୀନ ଛାଞ୍ଚୁଣିଆ ଠାରେ ୨୦୧୫ ମସିହାରେ ହୋଇଥିବା ଏକ ନାବାଳିକା ବଳାତ୍କାର ମାମଲାର ବିଚାର ହୋଇ ବୁଧବାର ରାୟ ପ୍ରକାଶ ପାଇଛି । କେନ୍ଦ୍ରାପଡା ଏଡିଜେ ଏମ.ଆର. ଦୋରା ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଛାଞ୍ଚୁଣିଆ ଗ୍ରାମର ଚଗଲା ଓରଫ ଦିବାକର ନାୟକଙ୍କୁ ୭ ବର୍ଷ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ଆଦାୟ ପାଇଁ ରାୟରେ ଉଲ୍ଲେଖ ଅଛି। ଟଙ୍କା ଅନାଦେୟରେ ଅଧିକ ୩ ମାସ ଜେଲରେ ରହିବେ ବୋଲି ଏଡିଜେ ଦୋରା ରାୟ ଦେଇଛନ୍ତି। ସଦର ଥାନାର ଏହି ମାମଲା (ପିଏସ କେସ ନମ୍ବର ୨୫୩/ ୧୫) ଅନୁଯାୟୀ, ୨୦୧୫ ଅକ୍ଟୋବର ୨୩ ତାରିଖରେ ସଂପୃକ୍ତ ନାବାଳିକା ସ୍ଥାନୀୟ ହାଟରୁ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ସେତେବେଳେ ସମୟ ପ୍ରାୟ ଅପରାହ୍ଣ ସାଢେ ଗୋଟାଏ ହୋଇଥିବାରୁ ରାସ୍ତାରେ ଯାତାୟାତ କମି ଯାଇଥିଲା। ଏହି ସମୟରେ ଚଗଲା ଏକ ବାଇକରେ ଆସି ସଂପୃକ୍ତ ନାବାଳିକାଙ୍କୁ ସାଇକେଲରୁ ଓହ୍ଲାଇ ଦେଇ ନିକଟସ୍ଥ ଏକ ବଗିଚା ମଧ୍ୟକୁ ନେଇ ଯାଇଥିଲେ। ସେଠାରେ ସେ ବଳାତ୍କାର କରିଥିବା ନେଇ ପୀଡିତାଙ୍କ ମାଆ ଘଟଣା ଦିନ ଥାନାରେ ଅଭିଯୋଗ କରିଥିଲେ। ଏହି ମାମଲାକୁ ଏପିପି ମନୋଜ ସାହୁ ପରିଚାଳନା କରିଥିଲେ ବୋଲି ଏପିପି ସଞ୍ଜୟ କୁମାର ଜେନା ସୂଚନା ଦେଇଛନ୍ତି ।

## ଦିବ୍ୟାଙ୍ଗଙ୍କ ଋଣ ଆବେଦନ ଶିବିର

ମାର୍ଶାଘାଇ, ୩୦।୧୦ (ଡି.ଏନ୍.ଏ.)

ଆର୍ଥିକ ଅନଗ୍ରସର ଦିବ୍ୟାଙ୍ଗମାନଙ୍କ ପାଇଁ ସରକାରଙ୍କ ତରଫରୁ ମଙ୍ଗଳବାର ଋଣ ଆବେଦନ ଶିବିର ଆୟୋଜନ କରାଯାଇଥିଲା। ମାର୍ଶାଘାଇ ବ୍ଲକ ଶିଳିପୁର ପଞ୍ଚାୟତ ଜମପଡ଼ା ଓ ତାଳସଙ୍ଗା ପଞ୍ଚାୟତ ପରିସରରେ ଶିବିର ଅନୁଷ୍ଠିତ ହୋଇଥିଲା। ଶିଳିପୁର ପଞ୍ଚାୟତରେ ଅୟୋଜିତ ଶିବିରରେ ସରପଞ୍ଚ ଯୁଗଳ କିଶୋର ଦାସ, ପଞ୍ଚାୟତ ଅଧିକାରୀ ସନ୍ତୋଷ କୁମାର ନାୟକ, ଗ୍ରାମ ରୋଜଗାର ସେବକ ସତ୍ୟପ୍ରକାଶ ପାଣି ଉପସ୍ଥିତ ଥିଲେ। ଶିବିରରେ ପ୍ରତ୍ୟେକ ଦିବ୍ୟାଙ୍ଗଙ୍କୁ ୧୫ ହଜାର ଟଙ୍କାର ଋଣ ପ୍ରଦାନ କରାଯିବାର ବ୍ୟବସ୍ଥା ରହିଛି। ଶିଳିପୁର ଶିବିରରେ ୭୫ ଜଣ ଆବେଦନ କରିଥିବା ଜଣାପଡ଼ିଛି।

## ବୋଇତ ବନ୍ଦାଣ ଉତ୍ସବ ପ୍ରସ୍ତୁତି


ବୈଠକରେ ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ସଦସ୍ୟ ଓ ଅନ୍ୟମାନେ।

ପଟ୍ଟାମୁଣ୍ଡାଇ, ୩୦।୧୦ (ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବିକାଶ ପରିଷଦ ପକ୍ଷରୁ ଚଳିତବର୍ଷ ୮ମ ବାର୍ଷିକ ବୋଇତ ବନ୍ଦାଣ ଉତ୍ସବ ଅନୁଷ୍ଠିତ ହେବ। ଏଥିପାଇଁ ମଙ୍ଗଳବାର ବ୍ଲକ ଅଧୀନ କଷଣଅଣ୍ଟାସ୍ଥିତ ଲକ୍ଷେଶ୍ୱର ଶିବ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପରିଷଦର କାର୍ଯ୍ୟକାରୀ ସଭାପତି ଗୋପୀବଲ୍ଲଭ ନାୟକ ବୈଠକରେ ଅଧକ୍ଷତା କରିଥିଲେ। ବିକାଶ ପରିଷଦ ବରିଷ୍ଠ ସଦସ୍ୟ ବସନ୍ତ କୁମାର ମଲ୍ଲିକ, କସ୍ତୁରୀ ଚରଣ ସ୍ୱାଇଁ, ସୁରେଶ ଚନ୍ଦ୍ର ଜେନା, ଚିତ୍ତରଞ୍ଜନ ମଲ୍ଲିକ, ରାଜକୁମାର ବିଶ୍ୱାଳ, ପ୍ରମୋଦ ନାୟକ, ଆରାଧନା ଦାଶ, ରାମଚନ୍ଦ୍ର ଦାଶ, ଚନ୍ଦନ ପାତ୍ର, ସୁଶୀଳ ପରିଡା, ବିଜୟ କୁମାର ସାହୁ, ଶରତ ବିଶ୍ୱାଳ, ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ବୈଠକରେ ପଟ୍ଟାମୁଣ୍ଡାଇ ତହସିଲଦାର ଶରତ ଗିରି, ଅଗ୍ନିଶମ ଇନ୍ସପେକ୍ଟର ଗୋପବନ୍ଧୁ ସାହୁ, ପଟ୍ଟାମୁଣ୍ଡାଇ ଥାନା କନଷ୍ଟେବଳ ପରିକ୍ଷିତ ସେଠୀଙ୍କ ସମେତ ଶିକ୍ଷୟିତ୍ରୀଶିକ୍ଷକମାନେ ଯୋଗଦେଇ ପାରମ୍ପରିକ ରୀତିନୀତି ଅନୁସାରେ ବୋଇତ ବନ୍ଦାଣ ଉତ୍ସବ ପାଳନ କରିବା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଉତ୍ସବ ଆୟୋଜନ ପାଇଁ କମିଟି ସଦସ୍ୟମାନଙ୍କୁ ବିଭିନ୍ନ ଦାୟିତ୍ୱ ବଣ୍ଟନ କରାଯାଇଥିଲା। ଶେଷରେ ପ୍ରାକ୍ତନ ସରପଞ୍ଚ ସୁବାସ ଦାଶ ଧନ୍ୟବାଦ ଦେଇଥିଲେ।

## ଯୁବବାହିନୀ ପକ୍ଷରୁ ସଡ଼କ ସୁରକ୍ଷା ଅଭିଯାନ

ମାର୍ଶାଘାଇ, ୩୦।୧୦ (ଡି.ଏନ୍.ଏ.)

ମାର୍ଶାଘାଇ ବ୍ଲକ ଶିଳିପୁର ପଞ୍ଚାୟତର ବିଜୁ ଯୁବ ବାହିନୀ ପକ୍ଷରୁ ମଙ୍ଗଳବାର ୫ ନଂ.(କ) ଜାତୀୟ ରାଜପଥର ଶିଳିପୁରଠାରେ ସଡ଼କ ସୁରକ୍ଷା ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏଥିରେ ଯୁବବାହିନୀ ସଭାପତି ରଜନୀକାନ୍ତ ମହାରଣା ଓ ସ୍ୱୟଂ ସହାୟକା ଗୋଷ୍ଠୀର ସଭାନେତ୍ରୀ ଝୁନୁବାଳା ମହାନ୍ତି କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ। ଏହି ଅବସରରେ ସେହି ରାସ୍ତା ଦେଇ ଯାଉଥିବା ବାଇକ୍ ଓ କାର୍ ଚାଳକମାନଙ୍କୁ ହେଲ୍‌ମେଟ୍ ପିନ୍ଧିବା, ସିଟ୍ ବେଲ୍ଟ ଲଗାଇବା ସହ ଟ୍ରାଫିକ୍ ନିୟକ ମାନିବା, ଗାଡ଼ି ଚାଳନା ବେଳେ ମଦ୍ୟପାନ ନ କରିବା ଆଦି ପାଇଁ ସଚେତନ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜୟ ବାରିକ, ଅରବିନ୍ଦ ସାହୁ, ବାବାଜୀ ନାୟକ, ବିଶ୍ୱ ରଞ୍ଜନ ମହାନ୍ତି ପ୍ରମୁଖ ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ବନ୍ୟାରେ ୧୪ ହଜାର ହେକ୍ଟର ଫସଲ ନଷ୍ଟ

# ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଦାବି

ପଟ୍ଟାମୁଣ୍ଡାଇ, ୩୦।୧୦ (ସ୍ୱ.ପ୍ର.)



ବ୍ରାହ୍ମଣୀ ଓ କାଣୀ ନଦୀ ବନ୍ୟାରେ ପଟ୍ଟାମୁଣ୍ଡାଇ ବ୍ଲକ ଓ ପୌରାଞ୍ଚଳର ପ୍ରାୟ ୧୪ ହଜାର ହେକ୍ଟର ଚାଷ ଜମିରେ ଫସଲ ନଷ୍ଟ ହୋଇଥିବା ବେଳେ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଛି। ଧାରକରଜ ଓ ଋଣ ଆଣି ଚାଷୀମାନେ ଏକର ଏକର ଜମି ଚାଷ କରିଥିବା ବେଳେ ବନ୍ୟାପାଣି ଫସଲ ଧୋଇନେଇଛି। ପରିବାର ପ୍ରତିପୋଷଣ ସହ ଋଣ ଶୁଝିବା ନେଇ ଏବେ ଚାଷୀଙ୍କ ମୁଣ୍ଡରେ ଚିନ୍ତା ଘାରିଛି। ବନ୍ୟା, ବାତ୍ୟା, ଲଗାଣ ବର୍ଷା ଆଦି ପ୍ରାକୃତିକ ଦୁର୍ବିପାକ ଯୋଗୁ ଫସଲ ଉଜୁଡ଼ି ଯାଉଥିବା ବେଳେ ଚାଷୀମାନେ ଅନେକ ସମୟରେ ସରକାରୀ କ୍ଷତିପୂରଣ ପାଉନାହାନ୍ତି। ଫଳରେ ଚାଷୀଙ୍କ ଆର୍ଥିକ କ୍ଷେତ୍ରରେ ସୁଧାର ଆସିପାରୁନାହିଁ। ତେବେ ଚଳିତବର୍ଷ ବ୍ରାହ୍ମଣୀ ଓ କାଣୀ ନଦୀ ବନ୍ୟା ଯୋଗୁ ଖରିଫ ଧାନ ଓ ବିରି ଫସଲ ନଷ୍ଟ ହୋଇଥିବାରୁ ସରକାରୀସ୍ତରରେ ତଦନ୍ତ କରାଯାଇ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ କରିବା ପାଇଁ ସୁକାନ୍ତ ପ୍ରଧାନ, ବିଜୟ ସାହୁ, ବିଜୟ ବିଶ୍ୱାଳ, ସୁଶାନ୍ତ ପ୍ରଧାନ, କିଶୋର ଦାସ, ଅଶୋକ ପରିଡ଼ା, ଶଙ୍କର ଯେନା, ପ୍ରଫୁଲ୍ଲ ପ୍ରଧାନ, ସଞ୍ଜୀବ ଓଝା, ବିଜୟ ଓଝା, ବାନାମ୍ବର ମଲ୍ଲିକ ଓ ଅଜାମ୍ବର ରାଉତଙ୍କ ସମେତ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଦାବି କରିଛନ୍ତି।

ରେଙ୍ଗାଲି ଡ୍ୟାମରୁ ପାଣି ଛଡ଼ା ଯିବା ଯୋଗୁ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ୧୧ଟି ୱାର୍ଡ ସହିତ ବ୍ଲକର ୧୨ ପଞ୍ଚାୟତର ପ୍ରାୟ ୧୪ ହଜାର ହେକ୍ଟର ଚାଷ ଜମିରେ ବିରି ଓ ଧାନ ଫସଲ ପାଣିରେ ବୁଡି ରହିଛି। କୃଷି, ରାଜସ୍ୱ ବିଭାଗ ପକ୍ଷରୁ ତୁରନ୍ତ ଫସଲ କ୍ଷୟକ୍ଷତି ଆକଳନ କରାଯିବା ସହିତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ଅଣ୍ଡରା, ସିଂହଗାଁ, ଅମୃତମଣୋହୀ, ପେଣ୍ଠପାଳ, ତରଡିପାଳ, ଅଳପୁଆ, ବାଲିପାଟଣା, ନୀଳକଣ୍ଠପୁର, ଶାସନ, ଶ୍ରୀରାମପୁର, ବଳଭଦ୍ରପୁର, ଡାମରପୁର, ବାଛରା ପ୍ରଭୃତି ପଞ୍ଚାୟତ ଓ ପଟ୍ଟାମୁଣ୍ଡାଇ ପୌରାଞ୍ଚଳର ଷଣ୍ଢପଲ୍ଲୀ, ତନୁପୁର, ନନ୍ଦିନୀନଗର, ବାଲିପଡା, କଷଣଅଣ୍ଟା, ବଳଦେବନଗର, ତଳବାଲିପଡ଼ା, ନୂଆଗାଁ, କାକୁଡିପଲ୍ଲି ଓ ଅଳଭା ଗ୍ରାମର ଚାଷୀ ଦାବି କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୩୧/୨୦୧୯ Bhubaneswar, Thursday, October 31/2019

## ସଂକ୍ଷେପରେ

### ସ୍ମିତାରାଣୀ ମୃତ୍ୟୁ ପ୍ରସଙ୍ଗ ୧ରେ ତଦନ୍ତ ପାଇଁ ଯିବ ଭାଜପା ବିଧାୟକ ଟିମ୍

**ଭୁବନେଶ୍ୱର,୩୦।୧୦(ବ୍ୟୁରୋ):** ଯାଜପୁର ଜିଲା ଧର୍ମଶାଳା ବ୍ଲକ ହରିଦାସପୁର ପଞ୍ଚାୟତ ନିର୍ବାହୀ ଅଧିକାରିଣୀ (ପିଇଓ) ସ୍ମିତାରାଣୀ ବିଶ୍ୱାଳଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସରକାରୀ କାର୍ଯ୍ୟରେ ଯାଇଥିବା ସ୍ମିତାରାଣୀଙ୍କୁ ହତ୍ୟା କରାଯାଇଥିବା ଭାଜପା ଅଭିଯୋଗ କରୁଛି। ଯାଜପୁର ପୋଲିସ କେବଳ ସରପଞ୍ଚଙ୍କ ସ୍ୱାମୀ ରୂପେଶ ଭଦ୍ରଙ୍କୁ ଗିରଫ କରିଛି। ଗେଷ୍ଟ ହାଉସରେ ଉପସ୍ଥିତ ୨ଜଣ ବିଜେଡି ସମିତି ସଭ୍ୟ, ଜଣେ ବିଜେଡି ଜିଲା ପରିଷଦ ସଭ୍ୟ ଏବଂ ରାମକୋର ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଶାସକ ଦଳ ଚାପରେ ପୋଲିସ ତଦନ୍ତ ପରିସରଭୁକ୍ତ କରୁନାହିଁ। ଅନ୍ୟପଟେ ଯାଜପୁର ଏସପି ଚରଣ ସିଂହ ମୀନା ଅଭିଯୁକ୍ତଙ୍କୁ ଖସାଇବା ପାଇଁ ମୃତା ସ୍ମିତାରାଣୀ ଚରିତ୍ରହନନ କରି ତଦନ୍ତକୁ ବୃତ୍ତିଗତ ନ କରି ବ୍ୟକ୍ତିଗତ ଭାବେ କରିଛନ୍ତି ବୋଲି ଭାଜପା ଉପସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ମହିଳା କମିଶନ ଅଧକ୍ଷା ମୃତା ସ୍ମିତାରାଣୀଙ୍କ ପରିବାର ସଦସ୍ୟଙ୍କୁ ନ ଭେଟି ତଦନ୍ତ ନାଁରେ ମାମଲାକୁ ବାଟବଣା କରିବା ପାଇଁ ଅପଚେଷ୍ଟା କରିଚାଲିଛନ୍ତି। ଏହି ଘଟଣାରେ ଆସନ୍ତା ୧ ତାରିଖ ଶୁକ୍ରବାର ବିରୋଧୀ ଦଳ ନେତା ପ୍ରଦୀପ୍ତ ନାଏକଙ୍କ ନେତୃତ୍ୱରେ ଭାଜପା ବିଧାୟକଙ୍କ ଏକ ପ୍ରତିନିଧି ଦଳ ହରିଦାସପୁର ପଞ୍ଚାୟତ ଗସ୍ତ କରି ତଦନ୍ତ କରିବ ବୋଲି ସମୀର ମହାନ୍ତି କହିଛନ୍ତି।

### ୨ବର୍ଷର ଶିଶୁକୁ ପିଟି ହତ୍ୟା: ମା’, ସମ୍ପର୍କୀୟ ମାମୁ ଗିରଫ

ରାୟଗଡ଼ା ଅଫିସ, ୩୦।୧୦: ଦୁଇ ବର୍ଷର ଶିଶୁ ପୁତ୍ର ଖାଇଲା ନାହିଁ। ଏଥିରେ ଉତକ୍ଷିପ୍ତ ହୋଇ ଶିଶୁପୁତ୍ରର ମା’ ଓ ସମ୍ପର୍କୀୟ ମାମୁ ଶିଶୁପୁତ୍ରକୁ ମାଡ ମାରିଥିଲେ। ଏଥିରେ ସେ ଗୁରୁତର ହୋଇପଡିବାରୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଶିଶୁପୁତ୍ରର ମୃତ୍ୟୁ ଘଟିଥିଲା। ଦୁଇ ବର୍ଷର ଶିଶୁ ପୁତ୍ରକୁ ହତ୍ୟା କରିଥିବା ଅଭିଯୋଗରେ ମା’ ଓ ସମ୍ପର୍କୀୟ ମାମୁଙ୍କୁ ବୁଧବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ରାୟଗଡ଼ା ନ୍ୟୁ କଲୋନୀ ଅଞ୍ଚଳର ପାର୍ଥସାରଥି ଧଳ(୩୦) ଓ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳର ସାକିଲା ଦାସ(୨୯)। ପାର୍ଥସାରଥିଙ୍କ ପ୍ରକୃତ ଘର ଯାଜପୁର ଅଞ୍ଚଳରେ ବୋଲି ପୋଲିସ ସୂଚନା ଦେଇଛି। ପ୍ରକାଶ ଯେ, ସାକିଲା ଗଜଲକ୍ଷ୍ମୀ ପୂଜା ବେଳେ ତାଙ୍କ ସମ୍ପର୍କୀୟ ଭାଇ ପାର୍ଥସାରଥିଙ୍କ ରାୟଗଡ଼ାସ୍ଥିତ ଘରକୁ ପୁଅ ସହ ବୁଲିବାକୁ ଆସିଥିଲେ। ପୁଅ ଖାଉ ନ ଥିବାରୁ ଗତ ୨୪ ତାରିଖରେ ସାକିଲା ତାଙ୍କୁ ମାଡ ମାରିଥିଲେ। ଏଥିରେ ଗୁରୁତର ହୋଇଥିବା ଶିଶୁପୁତ୍ରକୁ ସାକିଲା ଏବଂ ପାର୍ଥସାରଥି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଶିଶୁପୁତ୍ରଙ୍କୁ ମୃତ ଘୋଷଣା କରିଥିଲେ। ରାୟଗଡ଼ା ପୋଲିସ ୩୮୭/୧୯ ନଂରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ୨୯ ତାରିଖରେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଶିଶୁପୁତ୍ରକୁ ପିଟି ହତ୍ୟା କରାଯାଇଥିବା ଜଣାପଡ଼ିଥିଲା।

# ପ୍ରସ୍ତାବିତ ଧାମରା ରେଳପଥକୁ ଉପେକ୍ଷା

**ଯାଜପୁର ଅଫିସ,୩୦।୧୦**

## ରେଳବିକାଶ କ୍ଷେତ୍ରରେ ଅବହେଳା




- ଆରମ୍ଭ ହେଲା ପୋଷ୍ଟକାର୍ଡ ଦସ୍ତଖତ ଅଭିଯାନ
- ଆସୁଛି ବଜେଟ ଅଧିବେଶନ, ଆନ୍ଦୋଳନ ପାଇଁ ସଜବାଜ
- ଯାଜପୁରରୋଡ ଷ୍ଟେଶନକୁ ରେଲୱେ ଡିଭିଜନ ମାନ୍ୟତା ଦାବି ତେଜିଲା

ଯାଜପୁର ଜିଲାକୁ ରେଳ ବିକାଶ କ୍ଷେତ୍ରରେ ସମ୍ପୂର୍ଣ୍ଣ ଅବହେଳା କରାଯାଇଛି। ଦୀର୍ଘ ୮ବର୍ଷ ହେଲା କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ପୂର୍ବତଟ ରେଳପଥ ପକ୍ଷରୁ ଯାଜପୁରରୋଡରୁ ଧାମରା ପର୍ଯ୍ୟନ୍ତ ରେଳପଥ ନିର୍ମାଣ କରିବାକୁ ସର୍ଭେ ହୋଇଛି। କିନ୍ତୁ ରାଜନୈତିକ ବିଦ୍ୱେଷ ମନୋଭାବ ରଖି ଏହି ପ୍ରକଳ୍ପକୁ ଅଣଦେଖା କରାଯାଉଛି। ଆସନ୍ତା ନଭେମ୍ବରରେ ଲୋକ ସଭାର ଶୀତକାଳୀନ ଅଧିବେଶନ ଓ ଫେବୃୟାରୀରେ ବଜେଟ ଅଧିବେଶନ ହେବାକୁ ଥିବାରୁ ଏହି ପ୍ରସ୍ତାବିତ ପ୍ରକଳ୍ପର କାର୍ଯ୍ୟକାରୀ କରିବାକୁ ଜିଲାବାସୀ ଦୁର୍ବାର ଆନ୍ଦୋଳନ ପାଇଁ ସଜବାଜ ହେଉଛନ୍ତି। ଏହାବାଦ ଯାଜପୁର-କେନ୍ଦୁଝରରୋଡ ରେଲୱେ ଷ୍ଟେଶନକୁ ରେଳଡିଭିଜନ ମାନ୍ୟତା ଦେବାକୁ ଅଞ୍ଚଳବାସୀ ପୋଷ୍ଟକାର୍ଡ ଦସ୍ତଖତ ଅଭିଯାନ ଆରମ୍ଭ କରିଛନ୍ତି। କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶକ୍ରମେ ପୂର୍ବତଟ ରେଳପଥ ପକ୍ଷରୁ ଯାଜପୁର ରୋଡରୁ ଧାମରା ପର୍ଯ୍ୟନ୍ତ ୨୦୧୨-୧୩ ମସିହାରେ ସର୍ବେକ୍ଷଣ ହୋଇଥିଲା। ୨୦୧୫ ଏପ୍ରିଲରେ ରେଳ ମନ୍ତ୍ରଣାଳୟ ଅଧୀନସ୍ଥ ରେଳବାଇ ବୋର୍ଡ଼ ନିକଟରେ ନଥିପତ୍ର ଦାଖଲ କରାଯାଇ ସାରିଛି। ପ୍ରସ୍ତାବିତ ଦୀର୍ଘ ୯୯.୯୫ କି.ମି. ଏହି ରେଳପଥ ନିର୍ମାଣ ପାଇଁ ୯୯୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ ମଧ୍ୟ ହୋଇଛି। ଏହି ରେଳପଥ ନିର୍ମାଣ ହେଲେ ପୂର୍ବତଟ ରେଳବାଇ ବର୍ଷକୁ ୩୩ ପ୍ରତିଶତ ଲାଭବାନ ହେବ ବୋଲି ସର୍ଭେ କରିଥିବା ଅଧିକାରୀମାନେ ଜଣାଇଛନ୍ତି।

ଯାଜପୁରରେ ବିଶ୍ୱପ୍ରସିଦ୍ଧ କ୍ଷେତ୍ରେଶ୍ୱରୀ ମା’ ବିରଜାଙ୍କ ଶକ୍ତିପୀଠ ଥିବାବେଳେ ଭଦ୍ରକ ଜିଲାର ଆରଡ଼ିଠାରେ ବିଶ୍ୱପ୍ରସିଦ୍ଧ ଆଖଣ୍ଡଳମଣୀ ଧାମ ରହିଛି। ଏହି ଦୁଇଟି ଜାଗାକୁ ପ୍ରତ୍ୟେକ ଦିନ ଦେଶ ବିଦେଶରୁ ଯାତ୍ରୀମାନେ ଆସି ଦର୍ଶନଲାଭ କରିଥାନ୍ତି। ଏହି ରେଳପଥ ନିର୍ମାଣ ହେଲେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ସମ୍ଭବ ହେବ। ଯାଜପୁର ଜିଲାର କଳିଙ୍ଗନଗର ଏସିଆ ମହାଦେଶର ଇସ୍ପାତ ରାଜଧାନୀଭାବେ ପରିଗଣିତ ହୋଇସାରିଲାଣି। ଏଠାରୁ ଧାମରା ଦେଇ ଦେଶ ବିଦେଶକୁ ମାଲ ପରିବହନ କରିବା ପାଇଁ ସୁଗମ ହେବ। ଏହି ରେଳପଥ ନିର୍ମାଣ ଦ୍ୱାରା ଜିଲାର ଉତ୍ପାଦିତ କୃଷିଜାତ ଦ୍ରବ୍ୟର ପରିବହନ ଉନ୍ନତି ଆସିବା ସହିତ ଖାଉଟି ସାମଗ୍ରୀ ଲୋକଙ୍କ ପାଖରେ ପହଞ୍ଚିବା ଅଧିକ ସୁବିଧାଜନକ ହେବ ବୋଲି ଦାବି ହୋଇ ଆସିଛି। ହେଲେ ଗତ ବଜେଟରେ ଏହି ପ୍ରକଳ୍ପକୁ ସ୍ଥାନ ମିଳି ନ ଥିବାରୁ ଜିଲବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ ବଜେଟରେ କେବଳ ନୂତନ ପ୍ରକଳ୍ପ ଭାବରେ ଯାଜପୁର-କେନ୍ଦୁଝର ରୋଡ ଫ୍ଲାଇଓଭର ନିର୍ମାଣ ସର୍ଭେ ପାଇଁ ୫୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ଏହାବାଦ ହରିଦାସପୁର-ପାରାଦୀପ ଏବଂ ଅନୁଗୋଳ-ସୁକିନ୍ଦାରୋଡ ପାଇଁ ୨୦୦ କୋଟି ଟଙ୍କା ଲେଖାଏ ମଞ୍ଜୁର କରାଯାଇଛି। ହେଲେ ଧାମରା ପ୍ରକଳ୍ପ ସମେତ ଯାଜପୁର-କେନ୍ଦୁଝର ରୋଡ ଷ୍ଟେଶନର ଉନ୍ନତିକରଣ ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସେହିପରି ଚମ୍ପୁଆ-ଆନନ୍ଦପୁର-ଯାଜପୁର ୧୩୮କିଲୋମିଟର, ବାରିପଦା-ଯାଜପୁର କେନ୍ଦୁଝରରୋଡ ରେଳପଥ ମଞ୍ଜୁର ହୋଇ ପାରିନାହିଁ। ରାଜ୍ୟ ସରକାରଙ୍କ ଏହି ଦାବି ଉପରେ କେନ୍ଦ୍ର ସରକାର ଆଦୌ ଧ୍ୟାନ ଦେଇ ନ ଥିବାରୁ ଜିଲାବାସୀଙ୍କ ସମେତ ଯାଜପୁର-ଧାମରା ରେଳପଥ ସଂଯୋଗ କ୍ରିୟାନୁଷ୍ଠାନ କମିଟି, ବିରଜାକ୍ଷେତ୍ର ବିକାଶ ମଞ୍ଚ ଆଦି ଅନୁଷ୍ଠାନ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ୟପକ୍ଷେ ଯାଜପୁର-କେନ୍ଦୁଝରରୋଡ ରେଳୱେଷ୍ଟେଶନରେ ଆବଶ୍ୟକ ଭିତ୍ତିଭୂମି ରହିଥିଲେ ହେଁ ରେଳଡିଭିଜନ ଦାବି ପୂରଣ ହୋଇପାରୁ ନାହିଁ। ଉତ୍ତର ଓଡ଼ିଶାରେ ଯାଜପୁର ଦେଇ ଯାଇଥିବା ରେଳପଥ ଦୀର୍ଘତମ। ସେହିପରି ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ରେଳଷ୍ଟେଶନ ଓ ନିର୍ମାଣାଧୀନ ଷ୍ଟେଶନ ରହିଛି। ୫ଟି ନୂତନ ରେଳପଥ ନିର୍ମାଣ କରିବାକୁ ସର୍ଭେ ଶେଷ ହୋଇଛି। ୭ଟି ଗୁଡ୍‌ସ ସେଡ ଏଠାରେ କାର୍ଯ୍ୟ କରୁଛି। ଯାଜପୁର ହାୱଡା-ଚେନ୍ନାଇ ମୁଖ୍ୟଲାଇନ ସହିତ ଯଖପୁରା-ନୟାଗଡ, ହରିଦାସପୁର-ପାରାଦୀପ, ଅନୁଗୋଳ-ସୁକିନ୍ଦା, ଟମ୍‌କା-ଦୈତାରୀ ଏବଂ ସୁକିନ୍ଦା-ଯାଜପୁରରୋଡ ଆଦି ରେଳପଥ ନିର୍ମାଣାଧୀନ ରହିଛି। ତେଣୁ ଯୁବ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଯାଜପୁର-କେନ୍ଦୁଝରରୋଡ ଷ୍ଟେଶନକୁ ଡିଭିଜନ ମାନ୍ୟତା ଦାବି ନେଇ ପୋଷ୍ଟକାର୍ଡ ଦସ୍ତଖତ ଅଭିଯାନ ଆରମ୍ଭ କରାଯାଇଛି।

### ସେମାନଙ୍କ ମୁହଁରୁ...

“ ଲୋକ ସଭା ଆଗାମୀ ଶୀତ ଅଧିବେଶନ ଓ ବଜେଟ ଅଧିବେଶନ ପାଇଁ ଯାଜପୁର-ଧାମରା ରେଳପଥ ସଂଗ୍ରାମ ସମିତି ପକ୍ଷରୁ ବିଭିନ୍ନ ପଦକ୍ଷେପ ନେବାକୁ ସ୍ଥିର କରାଯାଇଛି। ଏଥିପାଇଁ ସରକାରଙ୍କ ନିକଟରେ ପ୍ରଭାବଶାଳୀ ଢଙ୍ଗରେ ଉପସ୍ଥାପନ କରାଯିବ। ଯାଜପୁର ଓ ଭଦ୍ରକ ଜିଲାର ସମସ୍ତ ବିଧାୟକ ଏବଂ ସାଂସଦଙ୍କ ସହିତ ଆଲୋଚନା କରି ଏହି ଦାବି ସଂକ୍ରାନ୍ତରେ ଲୋକ ସଭା ଓ ବିଧାନସଭାରେ ଉପସ୍ଥାପନ କରିବାକୁ ଅନୁରୋଧ କରାଯିବ। ଏହାବାଦ ମୁଖ୍ୟମନ୍ତ୍ରୀଙ୍କ ଜରିଆରେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ପଦକ୍ଷେପ ନିଆଯିବ।

**ସନ୍ତୋଷ କୁମାର ଦାସ, ଯାଜପୁର**
**ଯାଜପୁରରୋଡ-ଧାମରା ରେଳପଥା ସଂଗ୍ରାମ ସମିତି**

“ ଦୀର୍ଘଦିନ ହେଲା ଯାଜପୁରରୋଡ-ଧାମରା ନୂତନ ରେଳପଥ ନିର୍ମାଣ ପାଇଁ ଜିଲାବାସୀ ଦାବି କରି ଆସୁଛନ୍ତି। କିନ୍ତୁ ରାଜନୈତିକ ବିଦ୍ୱେଷ ଯୋଗୁ ଏହି ମହତ୍ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରୁ ନାହିଁ। ତେଣୁ ସମସ୍ତ ଲୋକ ପ୍ରତିନିଧି ରାଜନୈତିକ ମତଭେଦ ଊର୍ଦ୍ଧ୍ୱରେ ରହି ମିଳିମିଶି ଦାବି ଉପସ୍ଥାପନ କଲେ ନିଶ୍ଚିତ ଭାବେ ସଫଳ ମିଳିବ। ଏଥିପାଇଁ ଲୋକ ସଭାର ଆସନ୍ତା ଶୀତ ଅଧିବେଶନ ଓ ବଜେଟ ଅଧିବେଶନ ପାଇଁ ଆବଶ୍ୟକ ପଦକ୍ଷେପ ନେବା ସହ ଅଞ୍ଚଳବାସୀଙ୍କ ମଧ୍ୟରେ ପୋଷ୍ଟକାର୍ଡ ଦସ୍ତଖତ ଅଭିଯାନ ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି।

**ସତ୍ୟପ୍ରକାଶ ବେହୁରିଆ, ଯୁବ ଆଇନଜୀବୀ**

“ ଯାଜପୁରରୋଡ ରେଲୱେ ଷ୍ଟେଶନକୁ ଡିଭିଜନ ମାନ୍ୟତା ଦେବାକୁ ଦୀର୍ଘଦିନ ହେଲା ଦାବି ହୋଇ ଆସୁଛି। ସବୁପ୍ରକାର ସୁବିଧା ରହିଥିଲେ ହେଁ କେନ୍ଦ୍ର ସରକାର ଏହି ଦାବି ଉପରେ କୌଣସି ପ୍ରକାର ପଦକ୍ଷେପ ନେଉ ନାହାନ୍ତି। ତେଣୁ ଏହି ଦାବି ହାସଲ କରିବାକୁ ଶିକ୍ଷିତ ଯୁବସମାଜ ପକ୍ଷରୁ ପୋଷ୍ଟକାର୍ଡ ଦସ୍ତଖତ ଅଭିଯାନ ଆରମ୍ଭ କରିଛୁ। ୧୫ହଜାର ପୋଷ୍ଟକାର୍ଡ ଦସ୍ତଖଦ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

**ସରୋଜ ବେହେରା ଓ ଦିଗାମ୍ବର ସାହୁ**
**ସଚେତନ ନାଗରିକ ମଞ୍ଚ, ଯାଜପୁର**

### ରାଉତରାପୁର ପଂଚାୟତ ସରପଞ୍ଚଙ୍କ ବିରୋଧରେ ସରିଲା ଆନାସ୍ଥା ଭୋଟ

# ଫଳାଫଳ ଘୋଷଣା ଉପରେ ରହିତାଦେଶ

**ରସୁଲପୁର,୩୦।୧୦ (ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ରାଉତରାପୁର ପଞ୍ଚାୟତ ସରପଞ୍ଚ ରେଣୁ ସେଠୀଙ୍କ ବିରୋଧରେ ବୁଧବାର ଆନାସ୍ଥା ଭୋଟ ଗ୍ରହଣ ହୋଇଛି। ନାଏବ ସରପଞ୍ଚ କୈଳାସ ସାହୁଙ୍କ ନେତୃତ୍ୱରେ ବିଭିନ୍ନ ୱାର୍ଡର ସଭ୍ୟାସଭ୍ୟମାନେ ଭୋଟ ଦେଇଛନ୍ତି। ୱାର୍ଡ ଜନପ୍ରତିନିଧିଙ୍କ ସମେତ ନାଏବ ସରପଞ୍ଚ ଓ ସରପଞ୍ଚଙ୍କ ମତଦାନ ଭୋଟ ବାକ୍ସରେ ସିଲ୍ ହୋଇଛି। ତେବେ ଫଳାଫଳ ଘୋଷଣାକୁ ନେଇ ଉଚ୍ଚନ୍ୟାୟାଳୟଙ୍କ ରହିତାଦେଶ ଥିବାରୁ ସରପଞ୍ଚଙ୍କ ଭାଗ୍ୟ ମତଦାନ ବାକ୍ସ ଭିତରେ ସିଲ୍ ହୋଇଯାଇଛି। ଉକ୍ତ ମତଦାନ ବାକ୍ସକୁ ବ୍ଲକ ପ୍ରଶାସନ ପକ୍ଷରୁ ଯାଜପୁର ଉପଜିଲାପାଳଙ୍କ କୋର୍ଟରେ ଦାଖଲ କରାଯାଇଛି। କୋର୍ଟର ପରବର୍ତ୍ତୀ ନିଷ୍ପତ୍ତି ଉପରେ ଉଭୟ ପକ୍ଷରୁ ନଜର ରହିଛି।

ଦୀର୍ଘଦିନ ଧରି ସରପଞ୍ଚଙ୍କ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ଦେଖାଦେଇ ଆସୁଥିଲା। ନିୟମ ମୁତାବକ ଅଢେଇ ବର୍ଷ ପୂର୍ବରୁ ସରପଞ୍ଚଙ୍କ ବିରୋଧରେ ଆନାସ୍ଥା ଆସିପାରିବ ନାହିଁ ବୋଲି ଜାଣି ବିରୋଧୀ ଗୋଷ୍ଠୀ ଚୁପ୍ ରହିଥିଲେ। ସାଧାରଣ ନିର୍ବାଚନ ପରେ ଆନାସ୍ଥା ସମୟ ଉପୁଜି ଥିବାରୁ ବିରୋଧୀଙ୍କ ପକ୍ଷରୁ ଯାଜପୁର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏନେଇ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ଗତ ୧୪ତାରିଖରେ ଚିଠି ଜରିଆରେ ଅକ୍ଟୋବର ୩୦ରେ ଆନାସ୍ଥା ଭୋଟ କରିବାକୁ ଜଣାଇଥିଲେ। ମତଦାନ ସମୟରେ ରସୁଲପୁର ତହସିଲଦାର ଜ୍ୟୋତିକାନ୍ତ ଭୂଜବଳ ପ୍ରିଜାଇଡିଂ ଅଫିସର, ଏବିଡିଓ ଅସିତ୍ କୁମାର ପାତ୍ର, ଜିପିଇଓ ଦିବ୍ୟକାନ୍ତି ମିଶ୍ର ପମୁଖ ପଞ୍ଚାୟତ କାର୍ଯ୍ୟାଳୟରେ ଉପସ୍ଥିତ ରହିଥିଲେ। ଏଥିରେ ସମସ୍ତ ୱାର୍ଡ ପ୍ରତିନିଧି ଓ ସରପଞ୍ଚଙ୍କ ସମେତ ୧୪ଜଣ ମତଦାନ କରିଛନ୍ତି। ଏବେ କେବଳ ଫଳାଫଳକୁ ଅପେକ୍ଷା ରହିଛି। ବିରୋଧୀମାନେ ନିଶ୍ଚିତ ବାଜିମାତ୍ କରିବେ ବୋଲି ଦାମ୍ଭିକତା ଦେଖାଉଥିବା ବେଳେ ସରପଞ୍ଚ ଆଇନକୁ ଢାଲକରି ସମୟ ଗଡ଼ାଇ ପାରନ୍ତି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।


ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ଭୋଟ ଗ୍ରହଣ କରାଯାଉଛି।

# ଶହୀଦ ଅଜୟ ମହାନ୍ତିଙ୍କ ଶେଷକୃତ୍ୟ ସମ୍ପନ୍ନ

**ରସୁଲପୁର,୩୦।୧୦(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ରାଜେନ୍ଦ୍ରପୁର ପଞ୍ଚାୟତରେ ବୁଧବାର ଶୋକର ଛାୟା ଖେଳି ଯାଇଛି। ଗତ ୨୭ତାରିଖରେ ଶ୍ରୀନଗରସ୍ଥିତ ବାରମୂଳା ଘାଟିରେ ଇଏମ୍‌ଇ ରେଜିମେଣ୍ଟରେ କାର୍ଯ୍ୟରତ ଓଡ଼ିଆ ଯବାନ ମେଜର ଅଜୟ ମହାନ୍ତିଙ୍କ(୫୪) ହୃଦ୍‌ଘାତ ହୋଇଥିଲା। ଚିକିତ୍ସା କରାଯାଉଥିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମରଶରୀର ରସୁଲପୁର ବ୍ଲକ ରାଜେନ୍ଦ୍ରପୁର ପଞ୍ଚାୟତ ରାଜେନ୍ଦ୍ରପୁର ଗ୍ରାମରେ ପହଞ୍ଚିବା ପରେ ଏକ ଶୋକକୂଳ ପରିବେଶ ସୃଷ୍ଟି ହୋଇଥିଲା। ତାଙ୍କ ମରଶରୀରକୁ ପଞ୍ଚାୟତ ଓ ସ୍ଥାନୀୟ କୁଆଖିଆ ବଜାର ପରିକ୍ରମା କରାଯାଇଥିଲା। ଏହି ସମୟରେ ଭାରତମାତା କି ଜୟ, ବନ୍ଦେ ମା ତାରମ୍ ଧ୍ୱନୀରେ ପୁରା ପରିବେଶ କମ୍ପି ଉଠିଥିଲା।

ପ୍ରକାଶ ଯେ ସୁବେଦାର ଅଜୟ ମହାନ୍ତିଙ୍କୁ ହୃଦଘାତ ହେବା ପରେ ସଙ୍ଗେ ସଙ୍ଗେ ତାଙ୍କୁ ଆର୍ମି ହସ୍‌ପିଟାଲ୍‌ରେ ଭର୍ତ୍ତିକରାଯାଇଥିଲା। ସେଠାରେ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ନ ହେବାରୁ ତାଙ୍କୁ ଅନ୍ୟତ୍ର ସ୍ଥାନାନ୍ତରିତ କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ମଙ୍ଗଳବାର ବିଳମ୍ବିତ ରାତିରେ ତାଙ୍କର ମରଶରୀର ଗ୍ରାମରେ ପହଞ୍ଚିଥିଲା। ଏହି ଖବର ପ୍ରଚାରିତ ହେବା କ୍ଷଣି ସକାଳୁ ବହୁ ବିଶିଷ୍ଟ ବ୍ୟକ୍ତି ତଥା ସ୍ଥାନୀୟ ଅଞ୍ଚଳର ଶହଶହ ଲୋକ ରୁଣ୍ଡ ହୋଇଥିଲେ। ତାଙ୍କ ଶବ ଶୋଭାଯାତ୍ରାରେ ସାମିଲ ବି ହୋଇଥିଲେ। ଗାଁ ଶ୍ମଶାନରେ (ବ୍ରାହ୍ମଣୀ ନଦୀ ପଠା)ରେ ତାଙ୍କର ପାର୍ଥୀବ ଶରୀର ଦାହ କରାଯାଇଥିଲା। ମୃତ ଯବାନଙ୍କର ଗୋଟିଏ ପୁଅ ଓ ଝିଅ ରହିଛନ୍ତି। ପୁଅ ଡାକ୍ତରୀ ପଢୁଥିବା ବେଳେ ଝିଅ ହାଇସ୍କୁଲ୍‌ରେ ଅଧ୍ୟୟନରତା। ବରୀ ବିଧାୟିକା ସୁନନ୍ଦା ଦାସ, ଦେବେନ୍ଦ୍ର ଦାସ, ସାଂସଦ ପ୍ରତିନିଧି ପ୍ରକାଶ ସାମଲ, ପ୍ରଫୁଲ ସାହୁ, ଛବିଳ ଜେନା, ଲକ୍ଷ୍ମୀନାରାୟଣ ମହାନ୍ତି, ମୁକୁନ୍ଦଦେବ ମହାନ୍ତି, ଲକ୍ଷ୍ମୀଧର ପତି, ଯୁଗଜ୍ୟୋତି ଅନୁଷ୍ଠାନ ପକ୍ଷରୁ ପ୍ରତିଷ୍ଠାତା ବିଜୟ ଦାସ, ଧର୍ମେନ୍ଦ୍ର ଗୁଇଁ ,ବଟକୃଷ୍ଣ ସାହୁ, ଅଭୟ ତ୍ରିପାଠି ପ୍ରମୁଖଙ୍କ ସମେତ ଶହ ଶହ ସଂଖ୍ୟାରେ ଗ୍ରାମବାସୀ ଯବାନଙ୍କ ଶେଷ ଦର୍ଶନ କରିଥିଲେ।

### ଇଚ୍ଛାପୁର ଗ୍ରାମରେ ହନୁମାନ ପ୍ରତିଷ୍ଠା ଉତ୍ସବ

**ରସୁଲପୁର,୩୦।୧୦(ଡିଏନଏ):** ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ ଇଚ୍ଛାପୁର ଗ୍ରାମରେ ବୁଧବାର ହନୁମାନଙ୍କ ୧୨ତମ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଯୁବକ ବିଜୟ ସାହୁ ଓ ପତ୍ନୀ ଅନିତା ସାହୁଙ୍କ ପୌରହିତ୍ୟରେ ପୂଜାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ପ୍ରଭୂ ମହାବୀରଙ୍କ ନିକଟରେ ଘୃତଯଜ୍ଞ, ଆଳତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ପ୍ରତ୍ୟୁଷରେ ଷୋଡ଼ଶ ଉପଚାର ପୂଜା କରାଯିବା ସହ ପ୍ରଭୂଙ୍କୁ ବଡ଼ସିଂହାର ବେଶରେ ଭୂଷିତ କରାଯାଇଥିଲା। ଏହାଛଡା ଦିନତମାମ ହନୁମାନଙ୍କ ପୀଠରେ ଭଜନ କୀର୍ତ୍ତନ କରାଯାଇ ଥିଲା। ଆୟୋଜକଙ୍କ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବନ୍ଦୋବସ୍ତ କରାଯାଇଥିଲା। ସନ୍ଧ୍ୟାରେ ପୂର୍ଣ୍ଣାହୂତି ପ୍ରଦାନ କରାଯିବା ସହ ପୂଜାକାର୍ଯ୍ୟ ଶେଷ ହୋଇଥିଲା।

# ମରଣଯନ୍ତା ପାଲଟିଛି ବ୍ରାହ୍ମଣୀ ନଦୀବନ୍ଧ

**ରସୁଲପୁର,୩୦।୧୦(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀଠାରୁ ବ୍ରହ୍ମବରଦା ପର୍ଯ୍ୟନ୍ତ ବ୍ରାହ୍ମଣୀ ନଦୀବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି। ଏହି ନଦୀର ବାମପାର୍ଶ୍ୱ ବନ୍ଧର ବିଭିନ୍ନ ସ୍ଥାନରେ ବଡ଼ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି। ଫଳରେ ବନ୍ଧ ଦେଇ ଯାତାୟତ କରୁଥିବା ଲୋକମାନଙ୍କ ପାଇଁ ନାନା ସମସ୍ୟା ସୃଷ୍ଟି ହେଉଛି। ପ୍ରତ୍ୟେହ ଏହି ରାସ୍ତା ଉପରେ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି। ରାତିରେ ଏହି ରାସ୍ତା ଦେଇ ଯାତାୟତ କରିବାକୁ ଲୋକେ ଏକ ପ୍ରକାର ଭୟ କରୁଛନ୍ତି। ଉକ୍ତ ରାସ୍ତାର ତୁରନ୍ତ ମରାମତି ପାଇଁ ସାଧାରଣରେ ଦାବି ହେଉଛି।

ଘଟଣାରୁ ପ୍ରକାଶ ଯେ, ବାରବାଟୀ ଓ ରୁଦ୍ରପୁର ସେକ୍ସନ ଅଧୀନସ୍ଥ ବ୍ରାହ୍ମଣୀ ନଦୀବନ୍ଧର ବାରବାଟୀ ନିକଟସ୍ଥ ପୋଲ ନିକଟରେ ରାସ୍ତାରେ ରେନ୍‌କଟ ସୃଷ୍ଟି ହୋଇ ଯୋଗାଯୋଗ ବିଚ୍ଛିନ୍ନ ହେବାକୁ ବସିଛି। ଏହାଛଡ଼ା ଏହି ବନ୍ଧର ପ୍ରଥମାଖଣ୍ଡି ପଞ୍ଚାୟତ ଗୋପାଳପୁର ଠାରୁ ରାଜେନ୍ଦ୍ରପୁର ପଞ୍ଚାୟତ ସତମ୍ଭା ପର୍ଯ୍ୟନ୍ତ ରାସ୍ତାର ମରାମତି ନିକଟରେ କରାଯାଇଥିଲା। ଏହି ଅଞ୍ଚଳକୁ ଛାଡ଼ିଦେଲେ ଅତଲାପୁର, ସାମନ୍ତରାପୁର, ମଙ୍ଗରାଜପୁର ପଞ୍ଚାୟତ ଦେଇ ବ୍ରହ୍ମବରଦା ବ୍ରିଜ ପର୍ଯ୍ୟନ୍ତ ବନ୍ଧରାସ୍ତାର ଉଭୟ ପାର୍ଶ୍ୱରେ ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଛି। ଗର୍ତ୍ତଗୁଡିକ କ୍ରମାନ୍ୱୟରେ ବନ୍ଧ ଉପର ପିଚୁ ରାସ୍ତା ଉପରକୁ ଉଠି ଆସିଲାଣି। ରାସ୍ତା ପାର୍ଶ୍ୱର ଗାତ ଉପରେ ବିଭାଗ କେବଳ ଏକ ପତାକା ଟାଙ୍ଗି ଦେଇ କାମ ସାରି ଦେଇଛି। ବନ୍ଧର ଉଭୟ ପାର୍ଶ୍ୱରେ ପଥର ପ୍ୟାକିଂ ଓ ଘାସ ଗାଲିଚା ବିଛା ଯାଇ ନ ଥିବାରୁ ବର୍ଷାରେ ଏଭଳି ସ୍ଥିତି ସୃଷ୍ଟି ହେଉଛି। ଏହାଛଡ଼ା ବନ୍ଧକୁ ପ୍ରସସ୍ଥିକରଣ କରାଯିବା ସମୟରେ ମାଟି ବଦଳରେ ବାଲି ବ୍ୟବହାର ଯୋଗୁ ଅନୁରୂପ ଅବସ୍ଥା ପାଇଁ ଦାୟୀ ବୋଲି କୁହାଯାଉଛି। ଉକ୍ତ ଦିଗଗୁଡ଼ିକ ପ୍ରତି ବିଭାଗ ଅଣଦେଖା କରୁଥିବାରୁ ଲୋକଙ୍କୁ ନାନା ଯାତନା ସହିବାକୁ ପଡୁଛି। ବନ୍ଧ ରାସ୍ତା ବଦଳରେ ଜନସାଧାରଣ ଗନ୍ତବ୍ୟ ସ୍ଥଳରେ ପହଞ୍ଚିବା ପାଇଁ ଗାଁ ରାସ୍ତାରେ ବହୁ ଦୂର ଅତିକ୍ରମ କରିବାକୁ ପଡୁଛି। ଏହାକୁ ନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଉଛି। ଏନେଇ ବରୀ ଉପଖଣ୍ଡ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ସୁବାଶ ତ୍ରିପାଠୀଙ୍କୁ ପଚାରିବାରୁ ସେ ଏଦିଗରେ ଅବଗତ ଅଛନ୍ତି। ଉକ୍ତ ରାସ୍ତାର ସ୍ଥିତି ସମ୍ପର୍କରେ ସରକାରଙ୍କୁ ଅବଗତ କରାଯାଇଛି। ଏଥି ପାଇଁ ଅର୍ଥ ଆସିଲା ପରେ ଭାଙ୍ଗି ଯାଇଥିବା ବନ୍ଧକୁ ମରାମତି କରାଯିବ ବୋଲି ସୂଚନା ଦେଇଛନ୍ତି।


ବ୍ରାହ୍ମଣୀ ନଦୀବନ୍ଧରେ ସୃଷ୍ଟି ହୋଇଥିବା ଗର୍ତ୍ତ।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି । କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।

- ଟଲଷ୍ଟୟ

# ମରାମତି ଅପେକ୍ଷାରେ ଖଣ୍ଡିତର-ରାଜଘାଟ ନଦୀବନ୍ଧ

**ରସୁଲପୁର,୩୦।୧୦(ଡିଏନଏ)**

ରସୁଲପୁର ବ୍ଲକ ଖଣ୍ଡିତର ଓ ଯାଜପୁର ବ୍ଲକ ଅଧୀନ ରାଜଘାଟ ଖରସ୍ରୋତା ନଦୀର ଡାହାଣପାର୍ଶ୍ୱ ୧୫-ବି ବନ୍ଧ ମରାମତି, ପ୍ରଶସ୍ତୀକରଣ, ଆବଶ୍ୟକ ସ୍ଥଳେ ଜନବସତିକୁ ଗଡା ନିର୍ମାଣ, ବନ୍ଧ ଉପରେ ପାର୍କିଂ ନିର୍ମାଣ ପାଇଁ ଦାବି ହେଉଛି। ଏ ଦିଗରେ ନଦୀ ତଟବର୍ତ୍ତୀ ଅଞ୍ଚଳରେ ବାସ କରୁଥିବା ଲୋକେ ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ, ଯାଜପୁର ଜିଲାପାଳ, ଜାରକା ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଆସୁଛନ୍ତି। ବନ୍ଧ ମରାମତି ଓ ବନ୍ଧ ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବାରୁ ସ୍ଥାନୀୟ ଲୋକଙ୍କୁ ଯାତାୟାତ କରିବାରେ ଏବଂ ଆବଶ୍ୟକ ସାମଗ୍ରୀ ପରିବହନ କରିବାରେ ସମସ୍ୟା ସୃଷ୍ଟି ହେଉଥିବା ଅଭିଯୋଗ ହେଉଥିଲେ ହେଁ ବିଭାଗ କର୍ଣ୍ଣପାତ କରୁନାହିଁ। ସମସ୍ୟାର ସ୍ଥାୟୀ ସମାଧାନ ସକାଶେ ବିଭାଗ କୌଣସି ପଦକ୍ଷେପ ନେଉନାହିଁ ବୋଲି କୁହାଯାଉଛି। ପ୍ରକାଶ ଯେ, ବରୀ ଜଳସେଚନ ସବଡିଭିଜନ ଅଧୀନ ଖଣ୍ଡିତରଠାରୁ ରାଜଘାଟ ପର୍ଯ୍ୟନ୍ତ ୧୧.୨୦୦ କି.ମି ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଜନବସତି ସ୍ଥଳରେ ନଦୀବନ୍ଧରେ ଗଡା ପ୍ରସ୍ତୁତ ହୋଇନାହିଁ। ବନ୍ଧ ଉପର ରାସ୍ତା ଅଣଓସାରିଆ ଥିବାରୁ ଲୋକେ ଅନେକ ସମୟରେ ଯାତାୟାତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉପର ବରୁଆଁ ଓ ମହେଶ୍ୱରପୁର ପଞ୍ଚାୟତ ଅଞ୍ଚଳରେ ଥିବା ଏହି ନଦୀବନ୍ଧ ରାସ୍ତା ଅତ୍ୟନ୍ତ ବ୍ୟସ୍ତବହୁଳ। ଏହି ରାସ୍ତା ଦେଇ ପ୍ରତ୍ୟେହ ଶହଶହ ଗାଡି ମୋଟର ଯାତାୟାତ କରୁଛି। ରାସ୍ତା ମରାମତି ଅଭାବରୁ ଅନେକ ସ୍ଥାନରେ ବନ୍ଧ ରାସ୍ତା ଭାଙ୍ଗି ଯାଇଛି। ରାସ୍ତାରେ ବଡବଡ ଗର୍ତ୍ତ ସୃଷ୍ଟି ହୋଇଛି। ବନ୍ଧରାସ୍ତା ଅଣଓସାରିଆ ଯୋଗୁ ଟ୍ରାକ୍ଟର ଯାଉଥିବାବେଳେ ବାଇକ୍‌ଟିଏ ଅତିକ୍ରମ କରିପାରୁ ନାହିଁ। ଏହିସବୁ କାରଣରୁ ବନ୍ଧ ରାସ୍ତାକୁ ମରାମତି କରିବା ଓ ପ୍ରଶସ୍ତୀକରଣ କରିବା ଅତ୍ୟନ୍ତ ଜରୁରୀ ହୋଇପଡିଛି। ଏହାଛଡା ଆବଶ୍ୟକ ସ୍ଥାନରେ ପାର୍କିଂ ଓ ଗୋଡା ନିର୍ମାଣ କରିବା, ଗୋଡା ଅଭାବରୁ ବନ୍ଧ ତଳେ ଥିବା ଚାଷ ଜମିକୁ ଚାଷୀମାନେ ଯାତାୟାତ କରିବା, ହଳ ଲଙ୍ଗଳ ନେବା ଆଣିବା କରିବା, ଟ୍ରାକ୍ଟର ଯୋଗେ ଚାଷ ଉତ୍ପାଦିତ ଦ୍ରବ୍ୟକୁ ପରିବହନ କରିବାରେ ଅସୁବିଧା ଉପୁଜୁଛି। ବିଭାଗର ଉଦାସୀନତା ପାଇଁ ଲୋକେ ବନ୍ଧକୁ ହାଣି ଅସ୍ଥାୟୀ ଗୋଡା ପ୍ରସ୍ତୁତ କରୁଛନ୍ତି। ଏହା ବେଆଇନ କାର୍ଯ୍ୟ ହେଲେ ବି ଲୋକେ ଏହା କରିବାକୁ ବାଧ ହେଉଛନ୍ତି। ଏହାଦ୍ୱାରା ନଦୀବନ୍ଧ ଦୁର୍ବଳ ହେଉଛି। ବର୍ଷା ଦିନରେ ଏହି ସବୁ ସ୍ଥାନରେ ବନ୍ଧ ଧୋଇଯାଇ ଅଣଓସାରିଆ ହୋଇ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ତେଣୁ ଆବଶ୍ୟକ ସ୍ଥାନରେ ଭଲ ଭାବରେ ଗୋଡା ନିର୍ମାଣ କରାଗଲେ ଏହା ଲୋକଙ୍କ କାମରେ ଲାଗିବା ସହିତ ବନ୍ଧ ମଧ୍ୟ ସୁରକ୍ଷିତ ରହିପାରିବ ବୋଲି ମହେଶ୍ୱରପୁର ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ବିଷ୍ଣୁଚରଣ ରାୟଙ୍କ ସମେତ ସ୍ଥାନୀୟ ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବରୀ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ସୁବାସ ତ୍ରିପାଠୀଙ୍କୁ ପଚାରିବାରୁ, ସମସ୍ୟା ସମ୍ପର୍କରେ ବିଭାଗ ଅବଗତ ରହିଛି। ଲୋକଙ୍କ ଅଭିଯୋଗକୁ ବିଭାଗ କେବେ ଅଣଦେଖା କରେନାହିଁ। ଏନେଇ ପଦକ୍ଷେପ ନିଆଯାଇଛି। ଉକ୍ତ ନଦୀବନ୍ଧ ରାସ୍ତାର ପ୍ରଶସ୍ତୀକରଣ ପାଇଁ ୭.୮୬କୋଟି ଟଙ୍କା ବ୍ୟୟବରାଦ ହୋଇଛି। ମଞ୍ଜୁରୀ ପାଇଁ ସରକାରୀ ମୋହର ଅପେକ୍ଷାରେ ରହିଛି। ଅର୍ଥ ମଞ୍ଜୁର ହେବା ପରେ ବି କାର୍ଯ୍ୟ ହେବା ନେଇ ସମସ୍ୟା ରହିଛି। ବନ୍ଧରେ କେତେକ ସ୍ଥାନରେ ବ୍ୟକ୍ତିଗତ ଜମି ରହିଛି। ଏହି ଜମି ଉପରେ କାର୍ଯ୍ୟ କରିବା ସମୟରେ ସମସ୍ୟା ଦେଖାଦେଉଛି। ଉକ୍ତ ଲୋକେ ସହାୟତା କଲେ ଉକ୍ତ ନଦୀବନ୍ଧର କଳେବର ବଦଳି ଯିବ ବୋଲି ତ୍ରିପାଠୀ ପ୍ରକାଶ କରିଛନ୍ତି। ସମ୍ଭବତଃ କାର୍ଯ୍ୟ ୨୦୨୦ରେ ଆରମ୍ଭ ହେବ ବୋଲି ଆକଳନ କରାଯାଉଛି ବୋଲି ବିଭାଗ ସୂତ୍ରରୁ ଜଣାପଡିଛି।



- ୭.୮୬ କୋଟି ଟଙ୍କା ବ୍ୟୟବରାଦ
- ମଞ୍ଜୁରୀକୁ ଅପେକ୍ଷା
- ସମସ୍ୟାର ସ୍ଥାୟୀ ସମାଧାନ ଦାବି

## ସଂକ୍ଷେପରେ

### ଜାବରା ପାହାଡରେ ପୁଣି ଖନନ ଦାବି

**ଧର୍ମଶାଳା, ୩୦।୧୦(ଡି.ଏନ୍.ଏ.):** ଧର୍ମଶାଳା ତହସିଲ ଅଧୀନସ୍ଥ ଜାବରା କଳାପଥର ପାହାଡରେ ତହସିଲ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ଏହାଦ୍ୱାରା ଲୋକଙ୍କ ଜୀବନଜୀବିକା ପ୍ରଭାବିତ ହୋଇଥିବା ଅଭିଯୋଗ ହୋଇଛି। ଏହି ପାହାଡରେ ନିଷେଧାଜ୍ଞା ଜାରି କରାଯିବା ଯୋଗୁ ୮ କ୍ରସର ବନ୍ଦ ହୋଇପଡିଛି। ଫଳରେ ସେଥିରେ ନିର୍ଭର କରି ପରିବାର ଚଳାଉଥିବା ୩ ପଞ୍ଚାୟତର ବହୁ ଶ୍ରମିକ କାମ ନ ପାଇ ପରିବାର ପ୍ରତିପୋଷଣ ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଗ୍ରାମରେ କାମ ନ ପାଇ ବାହାରକୁ ଯିବାକୁ ବାଧ ହେଉଥିବା ବୁଧବାର ଥାନୁଆଳଠାରେ ଶ୍ରମିକଙ୍କ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଏହା ପ୍ରତିବାଦରେ ଆସନ୍ତା ଶୁକ୍ରବାର ଧର୍ମଶାଳା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବା ନେଇ ସୂଚନା ଦେଇଛନ୍ତି। ଏଥିସହ ଜାବରା ପାହାଡ ଖନନ ପାଇଁ ତହସିଲ ପକ୍ଷରୁ ନିଲାମ କରାଯିବାକୁ ଯାଜପୁର ଏମ୍‌ପି, ଧର୍ମଶାଳା ବିଧାୟକ, ଆରଡିସି କଟକ, ଯାଜପୁର ଜିଲାପାଳ, ଏବଂ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରିଥିବା କହିଛନ୍ତି। ଏ ନେଇ ଧର୍ମଶାଳା ତହସିଲଦାରଙ୍କ ସରୋଜ କୁମାର ପଣ୍ଡାଙ୍କୁ ପଚାରିବାରୁ, ଜାବରା ପାହାଡ ନିଲାମ ପାଇଁ ସର୍ଭେ କରାଯାଇ ଜିଲାପାଳଙ୍କୁ ସୁପାରିସ କରାଯାଇଛି। ସିଆରଏ ଅନୁମୋଦନ ପରେ ମାଇନିଂ ବିଭାଗ ସର୍ଭେ କରି ନିଲାମ ମୂଲ୍ୟ ନିର୍ଦ୍ଧାରଣ କରିବ। ପ୍ରଦୂଷଣ ବିଭାଗର ଅନୁମୋଦନ ପରେ ନିଲାମ ହେବ ବୋଲି କହିଛନ୍ତି।

### ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତ ପରିବାର

**କୋରେଇ,୩୦।୧୦(ସ୍ୱ.ପ୍ର):** ଅଭିଯୋଗ ଅନୁସାରେ ପୋଲିସ ଦଫା ଲଗାଇ ନ ଥିବାରୁ ଏ ନେଇ ବୁଧବାର ପୀଡିତଙ୍କ ପରିବାର ଏସ୍‌ପିଙ୍କୁ ଭେଟିଛନ୍ତି। ଏହାପରେ ଏତଲା ଅନୁଯାୟୀ ଦଫା ଲଗାଇବାକୁ ଏସ୍‌ପି ଚରଣ ସିଂହ ମୀନା ଯାଜପୁର ଥାନାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଗତ ୨୮ ତାରିଖ ଯାଜପୁର ଥାନା ମହାବୀର ଛକରେ ଏକ ଜଳଖିଆ ଦୋକାନରେ ଗ୍ରାହକ ଓ ମାଲିକ ମଧ୍ୟରେ ଜାତିଆଣକୁ କେନ୍ଦ୍ରକରି ମାରପିଟ ହୋଇଥିଲା। ମାଲିକ ଲକ୍ଷ୍ମୀଧର ବେହେରାଙ୍କ ମୁଣ୍ଡ ଫାଟି ଯାଇଥିଲାବେଳେ ସେ ଗୌତମ ମଲିକଙ୍କ ଉପରେ ଗରମ ତେଲ ଢାଳି ଦେଇଥିବା ଅଭିଯୋଗ ହୋଇଥିଲା। ଗୌତମଙ୍କ ଭିଣୋଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୩୨୯/୧୯) ରୁଜୁ କରିଥିଲା। କିନ୍ତୁ ଜାତିଆଣ ଆକ୍ଷେପ ପାଇଁ ଦଫା ଲଗାଇ ନ ଥିଲା। ଫଳରେ ପୀଡ଼ିତଙ୍କ ପରିବାର ଏସ୍‌ପିଙ୍କୁ ଭେଟି ଜାତିଆଣ ଦଫା ଲଗାଇବାକୁ ଅନୁରୋଧ କରିଥିଲେ।

## ନ୍ୟାୟ ପାଇଁ ଏସ୍‌ପିଙ୍କୁ ଗୁହାରି କଲେ ନିର୍ଯାତିତା ମହିଳା

**କୋରେଇ,୩୦।୧୦(ସ୍ୱ.ପ୍ର)**

କୁଆଖିଆ ପୋଲିସ ନ୍ୟାୟ ପ୍ରଦାନ କରୁ ନ ଥିବାରୁ ବୁଧବାର ଏସ୍‌ପିଙ୍କୁ ଭେଟି ଗୁହାରି କରିଛନ୍ତି ନିର୍ଯାତିତା ଗୀତାଞ୍ଜଳି ପରିଡ଼ା। ଗୋଲେଇପୁର ପଞ୍ଚାୟତ ହାଟସାହି ଗ୍ରାମର ଗୀତାଞ୍ଜଳି ୨୦୧୯ ଜୁଲାଇ ୨୮ରେ କୁଆଖିଆ ଥାନା ଭାଗୀରଥିପୁର ଗ୍ରାମର କାଳନ୍ଦୀଙ୍କୁ ବିବାହ କରିଥିଲେ। ବିବାହର କିଛି ଦିନ ପରେ ଯୌତୁକ ପାଇଁ ଗୀତାଞ୍ଜଳିଙ୍କ ଉପରେ ନିର୍ଯାତନା ଆରମ୍ଭ ହୋଇଯାଇଥିଲା। ଏମିତିକି ଜୀବନରୁ ମାରି ଦେବାକୁ ଶାଶୁଘର ଲୋକେ ତାଙ୍କୁ ବିଷ ପିଆଇ ଦେଇଥିଲେ। ମଧୁବନ ଡାକ୍ତରଖାନାରେ ଚିକିତ୍ସିତ ହୋଇ ଗୀତାଞ୍ଜଳି ବଞ୍ଚି ଯାଇଥିଲେ ବି ତାଙ୍କ ଗର୍ଭ ନଷ୍ଟ ହୋଇଯାଇଥିଲା। ଏହାପରେ ତାଙ୍କୁ ଶାଶୁଘର ଲୋକେ ଘରେ ପୁରାଇ ନ ଦେଇ ଗାଳିଗୁଲଜ କରିଥିଲେ। ସେ କୁଆଖିଆ ଥାନାର ଦ୍ୱାରସ୍ଥ ହୋଇଥିଲେ। ହେଲେ ପୋଲିସ କିଛି କାର୍ଯ୍ୟାନୁଷ୍ଠାନ ନେଲା ନାହିଁ। ତେଣୁ ଗୀତାଞ୍ଜଳି କୋର୍ଟର ଆଶ୍ରୟ ନେଇଥିଲେ। କୋର୍ଟ ଅଭିଯୁକ୍ତ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ ହେଁ ପୋଲିସ ମାନି ନ ଥିବାରୁ ସେ ବୁଧବାର ଏସପିଙ୍କ ଦ୍ୱାରସ୍ଥ ହୋଇଥିଲେ।

## 'ଏକତ୍ରିତ ହୋଇ ବିପର୍ଯ୍ୟୟର ମୁକାବିଲା କଲେ ସଫଳତା ମିଳେ'



ସମ୍ବର୍ଦ୍ଧିତ ହୋଇଥିବା ସ୍ୱେଚ୍ଛାସେବୀ ଓ ଅଗ୍ନିଶମ ବିଭାଗ କର୍ମଚାରୀ।

**ଜାତୀୟ ବିପର୍ଯ୍ୟୟ ଦିବସ ପାଳନ**

**ଯାଜପୁର ଟାଉନ,୩୦।୧୦(ଡିଏନଏ)**

ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ମଙ୍ଗଳବାର ଜାତୀୟ ବିପର୍ଯ୍ୟୟ ଦିବସ ପାଳନ ହୋଇଯାଇଛି। ଜିଲାପାଳଙ୍କ ଆବାସିକ କାର୍ଯ୍ୟାଳୟରେ ଏନ୍‌ସି କଲେଜ, ଜିଲାସ୍କୁଲ, ଏନଏସ୍‌ଏସ୍ ଛାତ୍ରୀଛାତ୍ର ଓ ବିଜୁ ଯୁବବାହିନୀ ଯୋଗଦେଇ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ଉପରେ ସ୍ଲୋଗାନ ଦେଇ ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ପହଞ୍ଚିଥିଲେ। ଏହି କାର୍ଯ୍ୟକ୍ରମରେ ଜରୁରୀକାଳିନ ବିଭାଗର ଅଧିକାରୀ ଉମେଶ ଚନ୍ଦ୍ର ଲେଙ୍କାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି ଯୋଗଦେଇ ୨୦ବର୍ଷ ତଳର ମହାବାତ୍ୟାର ବିଭିଷିକାର ଭୟାବହତା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଏକତ୍ରିତ ହୋଇ ବିପଦର ଓ ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିପାରିଲେ ସଫଳତା ମିଳେ ବୋଲି ମହାନ୍ତି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ଯୋଗ ଦେଇଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅଗ୍ନିଶମସେବା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମାର୍ଣ୍ଡି, ସିଡିଏମ୍‌ଓ ରୁଦ୍ର ପ୍ରତାପ କର, ନିରଞ୍ଜନ ପତି, ଜିଲା କ୍ରୀଡା ଅଧିକାରୀ ଫକୀର ମୋହର ଗୁଡୁ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ଜ୍ଞାନ ରଞ୍ଜନ ସେଠୀ, ଜିଲା ପଞ୍ଚାୟତ ଅଧିକାରୀ ଅଶୋକ କୁମାର ସେଠୀ, ନରସିଂହ ଚୌଧୁରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ଫକୀର ମୋହନ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଜରୁରୀ ବିଭାଗ କର୍ମଚାରୀ ଅରୁଣ କୁମାର ସାହୁ, ଲକ୍ଷ୍ମୀଧର ସଏ, ସୁପ୍ରିୟ କୁମାର ପଣ୍ଡା, ତରୁଣ କୁମାର ପଣ୍ଡା, ନିରୋଦ ସୁନ୍ଦର ସାହୁ , କୋର୍ଡିନେଟର ନାରାୟଣଚନ୍ଦ୍ର ଦାସ ଶୁଭାଶିଷ ଯେନା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ୫ଜଣ ସ୍ନେକ୍‌ହେଲ୍ପ ଲାଇନ୍‌ର ସ୍ୱେଚ୍ଛାସେବୀଙ୍କ ସହ ୨ଜଣ ଅଗ୍ନିସେବା କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଶ୍ରୀଜଗନ୍ନାଥ ସାହିତ୍ୟ ସଂସ୍କୃତି ପରିଷଦର ସାରସ୍ୱତ ସମାରୋହ

**ସିଂହପୁର,୩୦।୧୦(ଡିଏନଏ)**

ସିଂହପୁରସ୍ଥିତ ଶ୍ରୀ ଜଗନ୍ନାଥ ସାହିତ୍ୟ ସଂସ୍କୃତି ପରିଷଦର ପଞ୍ଚମ ବାର୍ଷିକ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ସିଂହପୁର ମା' କାଳୀ ମଣ୍ଡପ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ସଭାପତି ଦୁର୍ଯ୍ୟୋଧନ ସାମଲଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କୁଳପତି କିଟ୍ ବିଶ୍ୱବିଦ୍ୟାଳୟ ହରେକୃଷ୍ଣ ଶତପଥୀ, ମୁଖ୍ୟବକ୍ତାଭାବେ ଅଧ୍ୟାପିକା ମୀରା ବେହେରା, ଉଦ୍‌ଘାଟିକା ଭାବେ ବିଶିଷ୍ଟ ସାହିତ୍ୟିକା ତଥା ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ମନୋରମା ମହାପାତ୍ର, ସମ୍ମାନିତ ଅତିଥି ଶିକ୍ଷାବିତ୍ କଳିଙ୍ଗ ରତ୍ନ ବ୍ରହ୍ମାନନ୍ଦ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଅନୁଷ୍ଠାନ ମୁଖପତ୍ର 'ଶ୍ରୀମୁଖ' ଉନ୍ମୋଚିତ ହୋଇଥିଲା। ଅନୁଷ୍ଠାନ ସମ୍ପାଦକ ଅନିରୁଦ୍ଧ ବେଉରିଆ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ପ୍ରଦୀପ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ବର୍ଷିୟାନ ରାଜନେତା ତଥା ଶିକ୍ଷାବିତ୍ ଅଲେଖ ଚନ୍ଦ୍ର ନାୟକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରତିକାନ୍ତ ସାମଲ ଧନ୍ୟବାଦ ଦେଇଥିଲେ। କୃଷ୍ଣଚନ୍ଦ୍ର ଥାଟୋଇ, ଭରତ ଚନ୍ଦ୍ର ନାୟକ ପ୍ରମୁଖ ଅନୁଷ୍ଠାନ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସାହଯ୍ୟ କରିଥିଲେ।

### ବାବା କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ ପ୍ରସ୍ତୁତି ବୈଠକ

## କଳା ପ୍ରଦର୍ଶନ କରିବେ ବିଭିନ୍ନ ନାଟ୍ୟସଂସ୍ଥା

**ଯାଜପୁର ଟାଉନ,୩୦।୧୦(ଡିଏନଏ)**

ଯାଜପୁର ସହର ନିକଟସ୍ଥ ମୋଟରଙ୍ଗପାଳ ଗ୍ରାମରେ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ବାବା କାର୍ତ୍ତିକେଶ୍ୱର ପୂଜା ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ପୂଜା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ବାବା କାର୍ତ୍ତିକେଶ୍ୱରଙ୍କ ପୂଜାର୍ଚ୍ଚନା ଯଥାରୀତି ନୀତି ପାଳିତ ହେବାସହ ରାଜ୍ୟସ୍ତରୀୟ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତାର ୨୫ତମ ରୌପ୍ୟଜୟନ୍ତୀ ଅନୁଷ୍ଠିତ ହେବ। ଏହି ରୌପ୍ୟଜୟନ୍ତୀ ନଭେମ୍ବର ୧୮ରୁ ୨୫ ତାରିଖ ପର୍ଯ୍ୟନ୍ତ ୮ଦିନ ବ୍ୟାପୀ ଅନୁଷ୍ଠିତ ହେବ। ଓଡ଼ିଶାର ପୁରପଲ୍ଲୀର ସୁନାମଧନ୍ୟ ନାଟ୍ୟସଂସ୍ଥାମାନେ ସେମାନେ ତାଙ୍କ କଳା ପ୍ରଦର୍ଶନ କରିବେ। ବୈଠକରେ ପ୍ରତିଦିନ ସନ୍ଧ୍ୟା ୭ଟାରୁ ମା' ବିନ୍ଧେଶ୍ୱରୀ ଡ୍ୟାନ୍ସଗ୍ରୁପ୍‌ର ଡ୍ୟାନ୍ସ ଧମାକା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ନାଟକ ପ୍ରତିଯୋଗିତା ଆରମ୍ଭ ହେବ। ୧୮ତାରିଖରେ ବାଲେଶ୍ୱରର ଅପେରା ଅମୃତ ନାଟ୍ୟ ସଂସ୍ଥା ପକ୍ଷରୁ 'କଳିଯୁଗର ନୂଆ କାହାଣୀ', ୧୯ରେ ବାଲେଶ୍ୱର ଜିଲାର ଅର୍ମଦାରୋଡ଼ ଶୁଭମଙ୍ଗଳା ଲୋକନାଟ୍ୟ ସଂସ୍ଥା ପକ୍ଷରୁ 'ଗୋଟାଏ ଦିନର ସ୍ୱାମୀ ବା ମିଶ୍ର ସମ୍ପର୍କ, ୨୦ରେ ଭଦ୍ରକ ଜିଲା ମଞ୍ଜୁରୀ ରୋଡସ୍ଥିତ ଦକ୍ଷିଣକାଳୀ ଯୁବନାଟ୍ୟ ପରିଷଦ ପକ୍ଷରୁ 'ଏମିତି ଭୁଲ୍ କେବେ ହେବ ନାହିଁ' ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେହିପରି ୨୧ରେ ଭଦ୍ରକ ଜିଲା ସହୀଦ ନଗରସ୍ଥିତ କଲଚୁରାଲ ଆସୋସିଏଶନ୍ ପକ୍ଷରୁ 'ଧନରେ ଗେହ୍ଲା କରିବାକୁ ମନ', ୨୨ରେ ଢେଙ୍କାନାଳ ଜିଲାର କାମାକ୍ଷନଗରସ୍ଥିତ କୁମାରେଶ୍ୱର ଗଣନାଟ୍ୟ ପକ୍ଷରୁ 'ଭଲ ପାଇବୁନି ଆଉ କାହାକୁ', ୨୩ରେ ଯାଜପୁର ଜିଲାର ଟାଉନ ରଙ୍ଗମଞ୍ଚ ପକ୍ଷରୁ 'ଖରାପ ଝିଅ ଗପ', ୨୪ତାରିଖରେ କେନ୍ଦୁଝର ଜିଲାର ସାଇଁକୁଳସ୍ଥିତ ମା' ହିଙ୍ଗୁଳା ନାଟ୍ୟ ସଂସ୍ଥା ପକ୍ଷରୁ 'ରାମ ବନବାସ କାହାଣୀ ଶେଷ' ଓ ୨୫ରେ ଯାଜପୁର ଜିଲାର ପଣସା ପଞ୍ଚାୟତ ପଣସେଇନାଟ୍ୟ ସଂସ୍ଥା ପକ୍ଷରୁ 'ଘର ଆମ ଶ୍ରୀମନ୍ଦିର' ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି ବୋଲି କାର୍ତ୍ତିକେଶ୍ୱର ନାଟ୍ୟପରିଷଦର ସଭାପତି ହରିକୃଷ୍ଣ ପରିଡା ସୂଚନା ପ୍ରଦାନ କରିଛନ୍ତି।

# ପୂଜାମଣ୍ଡପରେ ବଢୁଛି ଭିଡ଼




**ଯାଜପୁର ରୋଡ,୩୦।୧୦(ନି.ପ୍ର.)**

ଯାଜପୁର ରୋଡ ସହରର ଗଣପର୍ବ ମା' କାଳୀଙ୍କ ପୂଜା ବୁଧବାର ୪ର୍ଥ ଦିନରେ ପହଞ୍ଚିଛି। ବିଭିନ୍ନ ପୂଜା ମଣ୍ଡପରେ ଜନସମାଗମ ବୃଦ୍ଧି ପାଇଛି। ଚଳିତ ବର୍ଷ ପୂଜା ମଣ୍ଡପଗୁଡିକ ପକ୍ଷରୁ ନିର୍ମାଣ କରାଯାଇଥିବା ତୋରଣ ସହ ଜନସଚେତନା ପାଇଁ କରାଯାଇଥିବା ବାରୁଆଳିଗୁଡିକ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ଉତ୍ସବକୁ ସରସ ସୁନ୍ଦର କରିବା ପାଇଁ ବିଭିନ୍ନ ପୂଜା କମିଟି ପକ୍ଷରୁ ପ୍ରତିଯୋଗିତାମୂଳକ ଭାବେ ସାଜସଜା ହୋଇଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ମଲ୍, ବଡବଡ ବ୍ୟବସାୟିକ ଅନୁଷ୍ଠାନ ପକ୍ଷରୁ ମଧ୍ୟ ବିଦ୍ୟୁତ୍ ଲାଇଟ୍ ସାଜସଜା କରାଯାଇଛି। ସମ୍ପୂର୍ଣ୍ଣ ସହର ଉତ୍ସବମୁଖର ହୋଇଉଠିଛି। ପୂଜା ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ମା' କାଳୀପୂଜା ଶାନ୍ତି କମିଟି ଗଠନ କରାଯାଇଛି। ଶାନ୍ତି କମିଟି ପ୍ରତ୍ୟେକ ମେଢ଼ ପରିଦର୍ଶନ କରି ବିଭିନ୍ନ କାର୍ଯ୍ୟ ତଦାରଖ କରୁଛନ୍ତି। କାଳୀପୂଜା ଶାନ୍ତି କମିଟି ପକ୍ଷରୁ ସ୍ଥାନୀୟ ଗୋପବନ୍ଧୁ ଛକଠାରେ ସହରରେ ଭାଇଚାରା ରକ୍ଷା କରିବା ପାଇଁ ଓ ଶାନ୍ତି ଶୃଙ୍ଖଳାର ସହ ୧୧ଦିନ ଉତ୍ସବ ପାଳିବା ପାଇଁ ବୁଧବାର ଏକ ସଭା ହୋଇଥିଲା। ଏହି ସଭାରେ ଶାନ୍ତି କମିଟିର ଆବାହକ ବିଦ୍ୟାଧର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ, ଏସ୍‌ପି ଚରଣ ସିଂ ମୀନା, କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ଶାନ୍ତିକମିଟି ପକ୍ଷରୁ ପ୍ରଫୁଲ୍ଲ କୁମାର ବୋଇତାଇ, ବିବେକାନନ୍ଦ ମହାନ୍ତି ବହୁ ଶାନ୍ତି କମିଟିର ସଦସ୍ୟ ସହରର ଭାଇଚାରା ଓ ସହରର ବିକାଶ ପାଇଁ ବକ୍ତବ୍ୟ ରଖିଥିଲେ। ଅପରପକ୍ଷେ ମଙ୍ଗଳବାର ପୋଲିସ୍ ପକ୍ଷରୁ ଚୋରଦା ବାଇପାସ୍ ଛକଠାରେ ଏକ କଣ୍ଟ୍ରୋଲ୍ ରୁମ୍ ଖୋଲାଯାଇଛି। ଏହାକୁ କଳିଙ୍ଗନଗର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ଦୋରା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଯାଜପୁର ରୋଡ ଏସ୍‌ଡିପିଓ କେଦାରନାଥ ସାହୁ, ଥାନାଧିକାରୀ ଅନିଲ କୁମାର ମହାନ୍ତି, ବ୍ୟାସନଗର ତହସିଲଦାର ନିରଞ୍ଜନ ବେହେରା, ଶାନ୍ତି କମିଟିର ଆବାହକ ବିଦ୍ୟାଧର ମହାନ୍ତି, ବିବେକାନନ୍ଦ ମହାନ୍ତିଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଏବଂ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ଥିଲେ। କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଲେ କଣ୍ଟ୍ରୋଲ ରୁମ୍‌ରେ ସମସ୍ତ ପ୍ରକାର ସାହାଯତା କରାଯିବ ବୋଲି ଦୋରା କହିଛନ୍ତି।



ଯାଜପୁର ଟାଉନରେ ପୂଜା ପାଉଛନ୍ତି ମା' କାଳୀ।



ଯାଜପୁର ରୋଡ଼ ବ୍ୟାଙ୍କ ଷ୍ଟ୍ରିଟ୍।



ଯାଜପୁର ଟାଉନ।



ଷ୍ଟେଶନ ବଜାର।



ଥାନା ଛକ।

## ୭, ୮ରେ ହେବ କାଳୀପୂଜା ଭସାଣି

**ଯାଜପୁର ଟାଉନ,୩୦।୧୦(ଡିଏନଏ):** ଯାଜପୁରରେ ସମସ୍ତ ପୂଜା କମିଟି ସଭାପତି ଓ ସମ୍ପାଦକଙ୍କୁ ନେଇ ବୁଧବାର ଏକ ବୈଠକ ହୋଇଥିଲା। ସେଥିରେ ନଭେମ୍ବର ୨ ଓ ୩ରେ ଭସାଣି କାର୍ଯ୍ୟକ୍ରମ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। କାଳୀ ପୂଜା ଯାଜପୁରର ଏକ ଗଣପର୍ବ ହୋଇଥିବାରୁ ସମସ୍ତ ପୂଜା କମିଟି ସଭାପତି ଓ ସମ୍ପାଦକ ୨ ଓ ୩ ପରିବର୍ତ୍ତେ ୭ ଓ ୮ରେ ଭସାଣି ଉତ୍ସବ କରିବାକୁ ଜିଲାପାଳଙ୍କ ନିକଟରେ ଆବେଦନ କରିଥିଲେ। ଏହି ଆବେଦନକୁ ବିଚାରକୁ ନେଇ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଏକ ବୈଠକ ହୋଇଥିଲା। ବୈଠକରେ ସମସ୍ତ ପୂଜା କମିଟି ସଭାପତି ଓ ସମ୍ପାଦକଙ୍କ ଉପସ୍ଥିତିରେ ନଭେମ୍ବର ୭ ଓ ୮ରେ ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଜିଲାପାଳ ଦାସ କହିଥିଲେ। ଏଥିରେ ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ, ଯାଜପୁର ଥାନାଧିକାରୀ ଆଶିଷ କୁମାର ସାହୁ, ସାଧାରଣ ଓ ବିବିଧ ବିଭାଗ ଡେପୁଟୀ କଲେକ୍ଟର ପ୍ରଜ୍ଞା ହୋତା ଓ ବରିଷ୍ଠ କିରାଣୀ ମଦନ ମୋହନ ପତି ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ଗଣିଆ,୩୦।୧୦(ଡି.ଏନ.ଏ.)-ଗଣିଆ ବ୍ଲକ କିଶୋରଚନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟପୀଠ ପରିସରରେ ଗତ ୨ଦିନ ଧରି ଚାଲିଥିବା ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ମଙ୍ଗଳବାର ଉଦ୍‌ଘାଟନୀ ଦିବସରେ ୧ଶହ, ୨ଶହ, ୪ଶହ, ୮ଶହ, ୧୫ଶହ ଓ ୩ହଜାର ମିଟର ଦୌଡ, ଲମ୍ବାଡିଆଁ, ଉଚ୍ଚଡିଆଁ, ଜାଭେଲିନ ଥ୍ରୋ, ଶର୍ଟପୁଟ ଥ୍ରୋ ପ୍ରତିଯୋଗିତା ହୋଇଥିବା ବେଳେ ବୁଧବାର ଫୁଟବଲ୍ ଓ କ୍ରିକେଟ ପ୍ରତିଯୋଗିତା କରାଯାଇଥିଲା । ମଣ୍ଡଳସ୍ତରୀୟ କ୍ରୀଡାରେ କୃତିତ୍ୱ ହାସଲ କରିଥିବା କୃତୀ ଖେଳାଳିମାନଙ୍କୁ ଆସନ୍ତା ନଭେମ୍ବର ୩ ଓ ୪ ତାରିଖରେ ହେବାକୁ ଥିବା ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ମନୋନୀତ କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବକୁ ବ୍ଲକ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ଦାଶ ପତାକା ଦେଖାଇ ଉଦ୍‌ଘାଟନ କରିଥିବା ବେଳେ ଉଦ୍‌ଯାପନୀ ଦିବସରେ ବ୍ଲକ ସ୍ପୋର୍ଟ୍ସ ଆସୋସିଏଶନ ସମ୍ପାଦକ ପ୍ରଫୁଲ୍ଲ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

### ଆୟୁଷ୍ମାନ୍ ଯୋଜନା: ଇପିଏଫ୍ ପେନ୍‌ସନରଙ୍କୁ ସାମିଲ ଦାବି

ପୁରୀ ଅଫିସ, ୩୦।୧୦ : ପୁରୀ ଜିଲା ଇପିଏଫ୍ ପେନସନର ଆସୋସିଏଶନର ବୈଠକ ବୁଧବାର ସ୍ଥାନୀୟ ଦଶ ଅବତାର ମଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟ କୁମାର ଜେନା ଅଧକ୍ଷତା କରିଥିଲେ। ଇପିଏଫ୍ ପେନସନରଙ୍କୁ ବର୍ଦ୍ଧିତ ପେନ୍‌ସନ୍, ମହଙ୍ଗା ଭତ୍ତା ସହ ଆୟୁଷ୍ମାନ ଯୋଜନାରେ ଚିକିତ୍ସା ସୁବିଧା ଦେବାକୁ ଦାବି କରାଯାଇଛି। ବୈଠକରେ ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା, ଗୁରୁକଲ୍ୟାଣ ମହାପାତ୍ର, ପୂର୍ଣ୍ଣଚନ୍ଦ୍ର ସାହୁ, ରବୀନ୍ଦ୍ରନାଥ ବାରିକ, ବିକ୍ରମ ଛୋଟରାୟ, କୃଷ୍ଣଚନ୍ଦ୍ର ମହାନ୍ତି, ମାନଗୋବିନ୍ଦ ମହାନ୍ତି, କୈଳାଶ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ■ କାନ ଔଷଧରେ ନାବାଳିକା ଆଖି ହରାଇବା ଘଟଣା

# ଓଏଚ୍‌ଆର୍‌ସିଙ୍କ ଦ୍ୱାରସ୍ଥ ହେଲେ ପୀଡ଼ିତାଙ୍କ ପରିବାର

**ନୟାଗଡ ସିଡିଏମ୍‌ଓ, ଏଲ୍‌ଭି ପ୍ରସାଦର ନିର୍ଦ୍ଦେଶକ ଓ ଏସ୍‌ସିବି ସୁପରିଟେଣ୍ଡେଣ୍ଟଙ୍କୁ ରିପୋର୍ଟ ତଲବ**

ଭୁବନେଶ୍ୱର, ୩୦।୧୦(ବ୍ୟୁରୋ)

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ନଛିପୁର ଗ୍ରାମର ଚନ୍ଦ୍ରକାନ୍ତ ଗୋଛାୟତଙ୍କ ଝିଅ ରିଙ୍କି (୬)ଙ୍କ ଆଖି ନଷ୍ଟ ହେବା ଘଟଣାରେ ବୁଧବାର ମାନବିକ ଅଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ ଦ୍ୱାରସ୍ଥ ହୋଇଛନ୍ତି ପରିବାର। ରିଙ୍କିଙ୍କ ମାଆ ଓ ବାପା ସାମାଜିକ କର୍ମୀ ରାଘବ ମଲ୍ଲିକଙ୍କ ସହାୟତାରେ କମିଶନଙ୍କ ନିକଟରେ ପିଟିଶନ ଦାଖଲ କରି ନ୍ୟାୟ ନିବେଦନ କରିଛନ୍ତି। ଉକ୍ତ ଘଟଣାକୁ କମିଶନ ଗୁରୁତ୍ୱରସହ ଗ୍ରହଣ କରିବା ସହ ନୟାଗଡ଼ ସିଡିଏମ୍‌ଓ ଏବଂ ପିଏଚ୍‌ଓ, ଏଲ୍.ଭି. ପ୍ରସାଦ ଆଇ ଇନଷ୍ଟିଚ୍ୟୁଟ୍ ନିର୍ଦ୍ଦେଶକ ଓ ଏସ୍‌ସିବି ମେଡିକାଲ ସୁପରିଟେଣ୍ଡେଣ୍ଟଙ୍କୁ ରିପୋର୍ଟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନା ମୁତାବକ, ଗତ ୨୯ ତାରିଖରେ ରିଙ୍କିଙ୍କ ଆଖିରେ ଏକ ହେୟାର କ୍ଲିପ ବାଜିଯିବାରୁ ପରିବାର ଲୋକେ ତାଙ୍କୁ ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ରିଙ୍କିଙ୍କ ଆଖି ଅବସ୍ଥା ଦେଖି ଔଷଧ ଲେଖିବା ସହ ଭଲ ହସ୍ପିଟାଲରେ ଦେଖାଇବାକୁ କହିଥିଲେ। ପରେ ଡାକ୍ତର ଲେଖିଥିବା ଔଷଧ ନିରାମୟ କେନ୍ଦ୍ରରୁ ଧରି ପରିବାର ଲୋକେ ଘରକୁ ଫେରିଥିଲେ। ଦିଆଯାଇଥିବା ଡ୍ରପ୍ ଔଷଧ ପକାଇଥିଲେ ମଧ୍ୟ ଭଲ ନ ହେବାରୁ ପରିବାର ଲୋକେ ରିଙ୍କିଙ୍କୁ ୩୦ ତାରିଖରେ ଭୁବନେଶ୍ୱରସ୍ଥିତ ଏଲ୍‌ଭି ପ୍ରସାଦ ଚକ୍ଷୁ ପ୍ରତିଷ୍ଠାନକୁ ଆଣିଥିଲେ। ଡାକ୍ତର ପୂର୍ବରୁ ଲେଖାଯାଇଥିବା ପ୍ରେସ୍କ୍ରିପ୍‌ଶନ ଓ ବ୍ୟବହାର ହୋଇଥିବା ଔଷଧପତ୍ର ଦେଖିଥିଲେ। ରିଙ୍କି ପକାଉଥିବା ଡ୍ରପ୍ ଔଷଧ କାନ ପାଇଁ ବୋଲି କହିବା ସହ ଏଥିଯୋଗୁ ତାଙ୍କ ଆଖି ନଷ୍ଟ ହୋଇଯାଇଥିବା କହିଥିଲେ। ପରେ ଅପରେଶନ ଜରିଆରେ ତାଙ୍କ ଆଖିକୁ କାଢି ଦିଆଯାଇଥିଲା। କେଉଁ ପରିସ୍ଥିତିରେ ନିରାମୟ କେନ୍ଦ୍ରର କର୍ମଚାରୀ ଡାକ୍ତର ଲେଖିଥିବା ମେଡିସିନକୁ ବଦଳାଇଲେ ଓ ଡାକ୍ତର କାନ ଔଷଧକୁ ଆଖିରେ ପକାଇବାକୁ ପରାମର୍ଶ ଦେଲେ ସେନେଇ ନୟାଗଡ଼ ସିଡିଏମ୍‌ଓ ଆସନ୍ତା ୧୪ ତାରିଖ ସୁଦ୍ଧା ରିପୋର୍ଟ ଦେବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଏଲଭି ପ୍ରସାଦ ଆଇ ହସ୍ପିଟାଲରେ କ'ଣ ଚିକିତ୍ସା କରାଯାଇଥିଲା ଓ କେଉଁ ପରିସ୍ଥିତିରେ ଆଖି କାଢ଼ି ଦିଆଗଲା ସେନେଇ ସମସ୍ତ ତଥ୍ୟ ପ୍ରଦାନ କରିବାକୁ କୁହାଯାଇଛି। ଅନ୍ୟପକ୍ଷରେ ଦୁଇ ହସ୍ପିଟାଲର ଚିକିତ୍ସା ଓ ଆଖି ନଷ୍ଟ ହେବାର କାରଣ ସଂକ୍ରାନ୍ତରେ ତଦନ୍ତ ପାଇଁ ୩ଦିନ ଭିତରେ ଏକ୍ସପର୍ଟ କମିଟି ଗଠନ କରି ୭ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବାକୁ କଟକ ଏସ୍‌ସିବି ମେଡିକାଲ ସୁପରିଟେଣ୍ଡେଣ୍ଟଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### କଣ୍ଢେଇ ନାଚରେ ପର୍ଯ୍ୟଟନ ସଚେତନତା

ପୁରୀ ଅଫିସ,୩୦।୧୦

ପର୍ଯ୍ୟଟନସ୍ଥଳୀର ପ୍ରଚାର ପ୍ରସାର ହେଲେ ପର୍ଯ୍ୟଟକଙ୍କ ଆଗମନ ବୃଦ୍ଧି ପାଇବ । ଫଳରେ ପର୍ଯ୍ୟଟନ ଭିତ୍ତିଭୂମି ସୁଦୃଢ ହେବ। ଏହି ଲକ୍ଷ୍ୟ ନେଇ ବୁଧବାର ଶରଧାବାଲିରେ କଣ୍ଢେଇ ନାଚ ମାଧ୍ୟମରେ ତେଲେଙ୍ଗାନା ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ସମ୍ପର୍କରେ ସଚେତନତା କରାଯାଇଛି। 'ଆସୋସିଏଶନ ଫର ଦି ପ୍ରମୋଶନ ଅଫ୍ ଦି ଆର୍ଟ ଅଫ୍ ପ୍ରପଟି'ର ସମ୍ପାଦିକା ଜି. ମାଧବୀଲତାଙ୍କ ନେତୃତ୍ୱରେ ତେଲେଙ୍ଗାନା ରାଜ୍ୟରୁ ଆସିଥିବା କଳାକାରମାନେ କଣ୍ଢେଇ ନାଚ ପରିବେଷଣ କରିଥିଲେ। ଏହି ଦଳ ଓଡ଼ିଶାର ବିଭିନ୍ନ ଜିଲା ବୁଲି ଏପରି ସଚେତନତା କାର୍ଯ୍ୟକ୍ରମ କରୁଛନ୍ତି। ଏଥିରେ ମାଧବୀଲତା, କୈଦୁରୀ କ୍ରିଷ୍ଣା, ଏମ୍. ଶ୍ରୁତି, ମାରୁନି ଚରଣ କୁମାର ଏବଂ ଚଲାଉଦୟ ତେଜ ପ୍ରମୁଖ ସାମିଲ ଥିଲେ।

# ପାହାଡ ଚଢ଼ି ଆଦିବାସୀ ଗାଁରେ ପହଞ୍ଚିଲେ ବିଡିଓ

ଦଶପଲ୍ଲା,୩୦।୧୦

ଲୋକଙ୍କ ବିଭିନ୍ନ ସମସ୍ୟା ବୁଝିବା ପାଇଁ ରାଜ୍ୟ ସରକାରଙ୍କ ଆହ୍ୱାନକ୍ରମେ ଦଶପଲ୍ଲା ବ୍ଲକ ପ୍ରଶାସନ ତରଫରୁ ବିଭିନ୍ନ ଆଦିବାସୀ ବହୁଳ ଗ୍ରାମ ଗସ୍ତ କରାଯାଉଛି। ତେଣୁ ପାହାଡ଼ ଚଢ଼ି ଏବଂ ନାଳ ଅତିକ୍ରମ କରି ସେମାନଙ୍କ ନିକଟତର ହୋଇଛନ୍ତି ବିଡିଓ ଏବଂ ବ୍ଲକ କର୍ମଚାରୀ। ବିଡିଓ ଅନୁଭବ କରୁଛନ୍ତି ଲୋକଙ୍କ ସମସ୍ୟା ଏବଂ ପ୍ରତିକାର ନିମନ୍ତେ ପଦକ୍ଷେପ ନେଉଥିବା ଜଣାଯାଇଛି।

ବୁଧବାର ପୂର୍ବାହ୍ନରେ ଦଶପଲ୍ଲା ବିଡ଼ିଓ ଦେବୀ ପ୍ରସାଦ ମହାନ୍ତି ବ୍ଲକ କର୍ମଚାରୀମାନଙ୍କ ସହ ଆଦିବାସୀବହୁଳ ଘଘୁଡିପଡ଼ା ପଞ୍ଚାୟତର ଖଲିଘଟି ଗ୍ରାମ ଗସ୍ତ କରିଥିଲେ। ରାଇମଡ଼ାଠାରେ ଗାଡ଼ି ରହିବା ପରେ ଖଲିଘଟି ଗ୍ରାମକୁ ଯିବା ପାଇଁ ବାହାରିଥିଲେ। ରାସ୍ତାରେ ଥିଲା ପାହାଡ। ୪ କି.ମି.ଯାଏ ପାହାଡିଆ ରାସ୍ତାରେ ଚାଲିବା ଭିତରେ ୪ଟି ନାଳ ଅତିକ୍ରମ କରିଥିଲେ। ଉକ୍ତ ନାଳ ପାହାଡ଼ରୁ ଝର ବାହାରି ପ୍ରବାହିତ ହୋଇଥାଏ। ଗ୍ରାମବାସୀ ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଯାତାୟତ କରିଥାନ୍ତି।



ପାହାଡ଼ିଆ ରାସ୍ତା ଅତିକ୍ରମ କରୁଛନ୍ତି ବିଡ଼ିଓ ଓ ବ୍ଲକ୍ କର୍ମଚାରୀ।

ବିଡ଼ିଓ ମହାନ୍ତି ଗ୍ରାମରେ ପହଞ୍ଚିବା ମାତ୍ରେ ଜନସାଧାରଣ ଖୁସିରେ ପାଛୋଟି ନେଇଥିଲେ। ଗ୍ରାମର ଜନସାଧାରଣଙ୍କ ସହିତ ଆଲୋଚନା ବେଳେ ଗ୍ରାମବାସୀ ମୁଖ୍ୟ ସମସ୍ୟା ରାସ୍ତା ନେଇ ଅଭିଯୋଗ କରିଥିଲେ। ରାସ୍ତା ନିର୍ମାଣ ହେଲେ ବହୁ ସମସ୍ୟା ଦୂର ହେବ ବୋଲି କହିଥିଲେ। ଉକ୍ତ ରାସ୍ତା ନିର୍ମାଣ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମିଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ୨୬ ଲକ୍ଷ ଟଙ୍କା ଦେବା ଲାଗି ବିଡ଼ିଓ ପ୍ରତିଶ୍ରୁତି ଦେଇଥିଲେ। ସେହିପରି ଗ୍ରାମରେ ୩ଜଣ ଖାଉଟି କାର୍ଡ ବଞ୍ଚିତ ଅଭିଯୋଗରେ ଶୀଘ୍ର ସେମାନଙ୍କୁ କାର୍ଡ ପ୍ରଦାନ କରିବେ ବୋଲି ବିଡ଼ିଓ କହିଥିଲେ।

ଗ୍ରାମରେ ବିଦ୍ୟୁତ୍ ନ ଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ପଡ଼ିଛି ଅଥଚ ସଂଯୋଗ ହୋଇନାହିଁ। ଆଲୋକ ସୁବିଧା ନିମନ୍ତେ ସୋଲାର ଲାଇଟ୍ ବ୍ୟବସ୍ଥା କରିବେ ବୋଲି ବିଡ଼ିଓ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଗ୍ରାମବାସୀଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ବିଡ଼ିଓ ଏବଂ ବ୍ଲକ କର୍ମଚାରୀ ସନ୍ଧ୍ୟାରେ ବ୍ଲକ ଅଫିସଠାରେ ପହଞ୍ଚିଥିଲେ।

# ସଂରକ୍ଷିତ ଜଙ୍ଗଲରୁ ୩ ଶାଳଗଛ କାଟି ୨ ଗିରଫ

ଓଡ଼ଗାଁ,୩୦।୧୦(ସ୍ୱ.ପ୍ର.)

ଓଡ଼ଗାଁ ବନାଞ୍ଚଳ ଓ ବାହାଡ଼ାଖୋଲା ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲରୁ ୩ ଶାଳ ଗଛ କାଟିବା ଅଭିଯୋଗରେ ବନ ବିଭାଗ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନଙ୍କ ଜାମିନ ଆବେଦନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ଜେଲ ହାଜତକୁ ପଠାଇ ଦିଆଯାଇଛି। ସେମାନେ ହେଲେ ବାହାଡ଼ାଖୋଲା ପାଣ୍ଡି ଅନ୍ତର୍ଗତ ସାଣ ଖଜୁରୀଆ ଗ୍ରାମର ହରପ୍ରସାଦ ନାୟକ (୩୦) ଓ ସନ୍ତୋଷ ନାୟକ (୨୮) । ଉଭୟେ ମଙ୍ଗଳବାର ଅପରାହ୍ନରେ ୩ଟି ଶାଳ ଗଛ କାଟି ଭାଗ ଭାଗ କରିବା ସହିତ ବୋହିନେବାକୁ ସଜବାଜ ହେଉଥିବା ବେଳେ ପାଟ୍ରୋଲିଂରେ ଯାଇଥିବା ବିଭାଗୀୟ ଅଧିକାରୀଙ୍କ ହାବୁଡରେ ପଡିଥିଲେ । ବନପାଳ ସରିତା ବରାଳ, ବନରକ୍ଷୀ ଧରଣୀଧର ନାୟକ ଏବଂ ବନ ସୁରକ୍ଷା ବାହିନୀ ଉଭୟଙ୍କୁ କାବୁ କରିବା ସହିତ ସେମାନେ କାଟି ଥିବା କାଠ ଜବତ କରିଥିଲେ । ଉଭୟଙ୍କ ବିରୋଦ୍ଧରେ ୫୨/୧୯-୨୦ ରେ ଏକ ମକଦ୍ଦମା ରୁଜୁ କରିବା ସହିତ ବୁଧବାର କୋର୍ଟ ଚାଲାଣ କରାଯାଇଥିଲା। ହେଲେ ସେମାନଙ୍କୁ ଜେଲ ହଜାତକୁ ପଠାଇ ଦିଆଯାଇଥିବା ବନାଞ୍ଚଳ ଅଧିକାରୀ ରବୀନ୍ଦ୍ର ନାଥ ପଣ୍ଡା ସୂଚନା ଦେଇଛନ୍ତି।




ଜବତ କାଠ।

# ବାହାଡାଶୁଣୀ ଗ୍ରାମାଞ୍ଚଳ ଟି-୨୦ ଉଦ୍‌ଘାଟିତ



ଅତିଥିଙ୍କ ସହ ଖେଳାଳିମାନେ।

ଖଣ୍ଡପଡା,୩୦।୧୦(ସ୍ୱ.ପ୍ର.)

ମା' ବାହାଡାଶୁଣୀ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ବୁଧବାର ୨୧ ତମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି । ଉଦ୍‌ଘାଟନୀ ମ୍ୟାଚରେ ବନମାଳୀପୁର ଆଞ୍ଚଳିକ ସ୍ପୋର୍ଟ୍ସ କ୍ଲବ ୧୨ ରନରେ ନୟାଗଡ ୱାରିଅର୍ସ ଟିମ୍‌କୁ ପରାସ୍ତ କରି ଖେଳରେ ବିଜୟୀ ହୋଇଛି । ବନମାଳୀପୁର ଆଞ୍ଚଳିକ ସ୍ପୋର୍ଟ୍ସ କ୍ଲବ ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ବିନିମୟରେ ୧୫୩ ରନ ସଂଗ୍ରହ କରିଥିଲା । ଜବାବରେ ନୟାଗଡ ୱାରିଅର୍ସ ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ ଉଇକେଟ ହରାଇ ୧୪୨ ରନ ସଂଗ୍ରହ କରିଥିଲା । ବିଜୟୀ ଦଳର ଚିତ୍ତରଞ୍ଜନ ଧଳ ୪ ଓଭର ବୋଲିଂରେ ୯ରନ ବିନିମୟରେ ୪ଟି ଉଇକେଟର ପତନ ଘଟାଇ ଖେଳରେ ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ । ଉଦ୍‌ଘାଟନୀ ମ୍ୟାଚରେ ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକ ନରେନ୍ଦ୍ର ଯୁଝରସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ରମେଶ ଚନ୍ଦ୍ର ବେହେରା ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ । ଅକ୍ଷୟ କୁମାର ନାୟକ ଓ ମଦନ ମୋହନ ମିଶ୍ର ଖେଳ ପରିଚାଳନା କରିଥିଲେ । ଗୁରୁବାର ଦ୍ୱିତୀୟ ଲିଗ୍‌ରେ ଖଳିସାହି କ୍ରିକେଟ କ୍ଲବ ସହ ଶାଳଝରିଆ କ୍ରିକେଟ କ୍ଲବର ମୁକାବିଲା ହେବ।

### ବ୍ଲକ ସ୍ତରୀୟ ଦୌଡକୁଦ ପ୍ରତିଯୋଗିତା

ଖଣ୍ଡପଡା,୩୦।୧୦(ସ୍ୱ.ପ୍ର.)

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ନଟବରପୁର ଶାସନସ୍ଥିତ ରାମଚଣ୍ଡୀ ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଶୀତକାଳୀନ ବ୍ଲକ ସ୍ତରୀୟ ଦୌଡ କୁଦ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସମାବେଶରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଦାଶରଥି ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅନ୍ୟତମ ଅତିଥି ଭାବେ ଖଣ୍ଡପଡା ବ୍ଲକ କ୍ରୀଡା ସମ୍ପାଦକ ରଶ୍ମି ରଞ୍ଜନ ସେଠୀ, ସହ ସମ୍ପାଦକ ବସନ୍ତ କୁମାର ଗୋଛି, ବିଜୟ କୁମାର ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ କ୍ରୀଡା ଶିକ୍ଷୟିତ୍ରୀ ଶିକ୍ଷକ ମାନେ ଯୋଗଦେଇ ଶିକ୍ଷାର ଉନ୍ନତି ପାଇଁ ଶାରୀରିକ ଶିକ୍ଷା ମାଧ୍ୟମରେ ଛାତ୍ରୀଛାତ୍ରମାନଙ୍କର ମାନସିକ ଏବଂ ଶାରିରୀକ ବିକାଶ ନିର୍ଭରଶୀଳ ବୋଲି ମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମକୁ କ୍ରୀଡା ଶିକ୍ଷକ ଅଭୟ ଚରଣ ନାୟକ, ସମୀର କୁମାର ଖୁଣ୍ଟିଆ ଓ ପ୍ରମୋଦ କୁମାର ପଣ୍ଡା ପ୍ରମୁଖ ପରିଚାଳନା କରିଥିଲେ। ପ୍ରତିଯୋଗୀତାରେ ବ୍ଲକ ଅନ୍ତର୍ଗତ ୩୦ଟି ବିଦ୍ୟାଳୟରୁ ପ୍ରାୟ ୨ଶହ ୨୦ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ।

# ନୂଆଗାଁ ହାଇସ୍କୁଲରେ ଶିକ୍ଷାର୍ଥୀ ପ୍ରୋତ୍ସାହନ ଉତ୍ସବ



ଜଣେ ବିଦ୍ୟାର୍ଥୀଙ୍କୁ ବିଧାୟକ ପୁରସ୍କୃତ କରୁଛନ୍ତି।

ଭାପୁର,୩୦।୧୦(ଡି.ଏନ.ଏ.)

ଭାପୁର ବ୍ଲକ ନୂଆଗାଁସ୍ଥିତ ଦେବରାଜ ବୈଦ୍ୟନାଥ ଉଚ୍ଚ ବିଦ୍ୟାଳୟରେ ଶିକ୍ଷାର୍ଥୀ ପ୍ରୋତ୍ସାହନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଉମାମଣୀ-ନାରାୟଣ ଟ୍ରଷ୍ଟ ଫାଉଣ୍ଡେଶନ ପକ୍ଷରୁ ବିଦ୍ୟାର୍ଥୀମାନଙ୍କୁ ଚୟନ କରାଯାଇ କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା । ପୂର୍ବାହ୍ନ ପ୍ରାୟ ୧୧ଟାରେ ବିଦ୍ୟାଳୟ ପରିସରରେ ଆୟୋଜିତ ଉତ୍ସବକୁ ଶାଳପଡା ସରପଞ୍ଚ ରୋଜାଲିନ ପାଣିଗ୍ରାହୀ ଓ ବିଦ୍ୟାଳୟର ପ୍ରତିଷ୍ଠାତା ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ମନୋଜ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଖଣ୍ଡପଡା ବିଧାୟକ ସୌମ୍ୟ ରଞ୍ଜନ ପଟ୍ଟନାୟକ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ । ମୁଖ୍ୟବକ୍ତା ଭାବେ ଭାପୁର ତହସିଲଦାର ଡ.ସୁନୀତା ଜେନା ଯୋଗଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ କୈଳାସ ଚନ୍ଦ୍ର ଷଡଙ୍ଗୀ, ଏସଏମସି ସଭାପତି ଛବିରାଣୀ ପ୍ରଧାନ, ମୋ ସ୍କୁଲ ସଭାପତି ପ୍ରଶନ୍ନ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ଭାପୁର ବ୍ଲକରେ ୨୦୧୮ ମସିହାରେ ବ୍ଲକ ତଥା ବିଦ୍ୟାଳୟରେ ସର୍ବୋଚ୍ଚ ନମ୍ବର ରଖିଥିବା ଜ୍ୟୋର୍ତିମୟୀ ପଣ୍ଡା ଏବଂ ୨୦୧୯ରେ ବିଦ୍ୟାଳୟରୁ ୧୦ମ ଶ୍ରେଣୀରେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଥିବା ପ୍ରିୟଙ୍କା ପ୍ରିୟଦର୍ଶିନୀ ବେହେରାଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶୁଭଶ୍ରୀ ମିଶ୍ର ଓ ସୌରଭ ପଣ୍ଡା ସଂଯୋଜନା କରିଥିଲେ।

# ଗଣିଆରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

ଗଣିଆ,୩୦।୧୦(ଡ.ଏନ.ଏ.)

ଗଣିଆ ବ୍ଲକ ବିଜୁ ଜନତା ଦଳ ତରଫରୁ ବୁଧବାର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଆଡକଟା ପଞ୍ଚାୟତ ଜଗନ୍ନାଥପ୍ରସାଦ ଗ୍ରାମସ୍ଥିତ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ସଂକୀର୍ତ୍ତନ ସହ ନେତା ଓ ଦଳୀୟ କର୍ମୀମାନେ ପଦଯାତ୍ରାରେ ବାହାରିଥିଲେ। ଏହି ପଦଯାତ୍ରା ଆଡକଟା, କରଡାପଡା, ଗଣିଆ, ବେଲପଡା, ରାସଙ୍ଗ ଓ ଛାମୁଣ୍ଡିଆ ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରିଥିଲା । ଗଣିଆ ଗାନ୍ଧୀ ବଜାରଠାରେ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଦଳୀୟ ନେତାମାନେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ବିଭିନ୍ନ ଛକ ସ୍ଥାନରେ ରାଜ୍ୟ ସରକାରଙ୍କର ଜନହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ । ଏହି ପଦଯାତ୍ରା ଛାମୁଣ୍ଡିଆ ପଞ୍ଚାୟତର ମା' କଳାପାଟ ପୀଠରେ ପହଞ୍ଚିଥିଲା। ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, ଗଣିଆ ବ୍ଲକ ବିଜେଡି ସଭାପତି ତଥା ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା, ବ୍ଲକ ଯୁବ ବିଜେଡି ସଭାପତି ବଳରାମ ମହାନ୍ତି, ସରପଞ୍ଚ ସଂଘ ସଭାପତି ପ୍ରଫୁଲ୍ଲ ବେହେରା, ବ୍ଲକ ପଞ୍ଚାୟତର ନିର୍ବାଚିତ ଲୋକପ୍ରତିନିଧିଙ୍କ ସମେତ ୫ଶହରୁ ଊର୍ଦ୍ଧ୍ୱ ବିଜେଡି କର୍ମୀ ସାମିଲ ହୋଇଥିଲେ।



ପଦଯାତ୍ରାରେ ବିଧାୟକ ଓ ଅନ୍ୟମାନେ।

# ନବ ନିର୍ମାଣ କୃଷକ ସଂଗଠନର ବୈଠକ

ଖଣ୍ଡପଡା,୩୦।୧୦(ସ୍ୱ.ପ୍ର.)

ଖଣ୍ଡପଡା ବ୍ଲକ ଅଧୀନ ଖଳିସାହି ଜଗନ୍ନାଥ ମନ୍ଦିର ଓ ନିକଟସ୍ଥ ବୋଦଶା ପଞ୍ଚାୟତରେ ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କୁ ନେଇ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସଂଗଠନର ସହ ସଂଯୋଜିକା ମମତା ନାଥଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ସ୍ଥାନୀୟ ଅଞ୍ଚଳର ଚାଷୀମାନେ କିଭଳି ସରକାରଙ୍କ ବିଭିନ୍ନ ଲୋକ ହିତକର ଯୋଜନାରୁ ବଞ୍ଚିତ ହୋଇଛନ୍ତି ସେ ନେଇ ଆଲୋଚନା ହୋଇଥିଲା। ଅନେକ ଚାଷୀ କାଳିଆ ଯୋଜନାରୁ ବଞ୍ଚିତ ହୋଇଥିବା ନେଇ ଅଭିଯୋଗ ଉଠାଇ ଥିଲେ। କୃଷକ ନେତା ପ୍ରାଣକୃଷ୍ଣ ସ୍ୱାଇଁ, ଭଗବାନ ସାହୁ, ହରିହର ସାହୁ ଓ ପ୍ରଦୀପ କୁମାର ସୁବୁଦ୍ଧି ପ୍ରମୁଖ କ୍ଷୋଭ ପ୍ରକାଶ କରିଥିଲେ। କୃଷକମାନଙ୍କ ନାର୍ଯ୍ୟ ଦାବି ପ୍ରତି ରାଜ୍ୟ ସରକାର ସଦା ସର୍ବଦା ଅଣଦେଖା କରି ଆସୁଥିବାରୁ ଆଗାମୀ ଦିନରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସଂଗଠନର ସଦସ୍ୟମାନେ ଚେତାବନୀ ଦେଇଥିଲେ । ଆସନ୍ତା ନଭେମ୍ବର ୬ ତାରିଖରେ ଭୁବନେଶ୍ୱର ସ୍ଥିତ ବରମୁଣ୍ଡାଠାରେ ନବ ନିର୍ମାଣ କୃଷକ ସଂଗଠନ ପକ୍ଷରୁ ଆୟୋଜିତ ରାଷ୍ଟ୍ରୀୟ ସମ୍ମିଳନୀରେ ଖଣ୍ଡପଡା ଅଞ୍ଚଳରୁ ଶହଶହ ସଂଖ୍ୟାରେ କୃଷକମାନେ ଯୋଗଦେଇ ରାଜ୍ୟ ସରକାରଙ୍କ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ସଂଗଠନର ବରିଷ୍ଠ ସଭ୍ୟମାନେ ଆହ୍ୱାନ ଦେଇଥିଲେ । ସେହିପରି ବୋଦଶା ପଞ୍ଚାୟତରେ ଆୟୋଜିତ ବୈଠକରେ କୃଷକ ନେତା ମାଟିଆ ସାହୁ, କୈଳାସ ନାୟକ, ରବି ବଣ୍ଡିଆ, ସୁଶାନ୍ତ ବେହେରା ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ କୃଷକମାରଣ ନୀତିକୁ କଟୁ ସମାଲୋଚନା କରିଥିଲେ ।



ବୈଠକରେ ସଙ୍ଗଠନର ସଦସ୍ୟମାନେ।